## ଟି-୨୦ ଅଧିନାୟକ ପଦରୁ ବିଦା ହେବେ ସୂର୍ଯ୍ୟକୁମାର : ଶ୍ରେୟସଙ୍କୁ ମିଳିପାରେ ଦାୟିତ୍ୱ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ବର୍ଣ୍ଣେୟ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ-୩୩ • ସଂଖ୍ୟା-୯୮ • ୯ ମଇ ୨୦୨୬ ଶନିବାର • ଭୁବନେଶ୍ୱର • Vol -33 • Issue-98 • 9th May 2026, Saturday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରଥମ ସମନ୍ୱୟ କମିଟି ବୈଠକ

# ଶୃଙ୍ଖଳାର ସହ ସମାପନ ନେଇ ସମସ୍ତ ପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ

**ପୁରୀ,୮।୫**

**ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଶୁକ୍ରବାର ପୁରୀ ଟାଉନ ହଲ୍ ଠାରେ ପ୍ରଥମ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରଥ ନିର୍ମାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ଭକ୍ତଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବିଭାଗର ମୁଖ୍ୟମାନେ ଏହି ବୈଠକରେ ଯୋଗଦେଇ ଆଗାମୀ ରଥଯାତ୍ରାକୁ ନଜରରେ ରଖି କିଭଳି ସବୁ ପ୍ରସ୍ତୁତି କାର୍ଯ୍ୟ କରାଯାଉଛି ନେଇ ସୂଚନା ପ୍ରଦାନ କରିଥିଲେ।

କେନ୍ଦ୍ରାଞ୍ଚଳ ଆରଡିସି ସୁଧାଂଶୁ ମୋହନ ସାମଲ ବୈଠକ ପରେ କହିଛନ୍ତି, 'ମହାପ୍ରଭୁଙ୍କ ରଥଯାତ୍ରାକୁ ଶୃଙ୍ଖଳିତ କରିବା





ପାଇଁ ସବୁ ସ୍ତରରେ ପ୍ରସ୍ତୁତି କରାଯାଇଛି। ଏନେଇ ବାରମ୍ବାର ଉଚ୍ଚସ୍ତରୀୟ ବୈଠକ ମଧ୍ୟ ହେଉଛି। ଏହି ବୈଠକରେ ସବୁ ପକ୍ଷଙ୍କ ମତାମତ ନିଆଯାଇଛି। ଆଗାମୀ ଦିନରେ ଏହାକୁ ସମୀକ୍ଷା କରାଯାଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ।'

ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, 'ରଥଯାତ୍ରାକୁ ସୁରୁଖୁରୁରେ ଆୟୋଜନ ନେଇ ସବୁ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ମେ' ମାସ ସୁଦ୍ଧା ପୁରୀ ସହରର ସବୁ ଡ୍ରେନ୍ ସଫେଇ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଲୋକଙ୍କୁ ବିଭିନ୍ନ ସୂଚନା ଦେବା ପାଇଁ ପୁରୀ ସହରର ବିଭିନ୍ନ ସ୍ଥାନରେ ଏଲଇଡି ସ୍କ୍ରିନର ବ୍ୟବସ୍ଥା ରହିଛି। ୧୬୦୦ ଶୌଚାଳୟ ହେବ। ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ଲଗାଯାଇ କଡା ନଜର ରଖାଯିବ।'

ପୁରୀ ସାଂସଦ ସମ୍ବିତ ପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ପ୍ରତ୍ୟେକ ବିଭାଗର ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। (ପୃଷ୍ଠା ୭ରେ)

# ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ

**କୋଲକାତା,୮।୫**

ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ ହେବେ। ଶୁକ୍ରବାର ବିଜେପି ବିଧାୟକ ଦଳ ବୈଠକରେ ଶୁଭେନ୍ଦୁଙ୍କୁ ନେତା ଭାବେ ନିର୍ବାଚିତ କରାଯାଇଛି। ଶନିବାର ୧୧ଟାରେ ଶୁଭେନ୍ଦୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। କୋଲକତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଶୁକ୍ରବାର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରିଛନ୍ତି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଗୃହମନ୍ତ୍ରୀ ଅମିତ ଶାହା ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଶୁକ୍ରବାର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଗୃହମନ୍ତ୍ରୀ ଅମିତ ଶାହ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦଳର ନେତା ଚୟନ କରାଯାଇ ନୂଆ ମୁଖ୍ୟମନ୍ତ୍ରୀଙ୍କ ନାଁରେ ମୋହର ମାରିଛନ୍ତି ପର୍ଯ୍ୟବେକ୍ଷକ ଓ ସହ ପର୍ଯ୍ୟବେକ୍ଷକ। ମୁଖ୍ୟମନ୍ତ୍ରୀ ଚୟନ ପାଇଁ ପଶ୍ଚିମବଙ୍ଗରେ ପୂର୍ବରୁ ପହଞ୍ଚିଥିଲେ ଗୃହମନ୍ତ୍ରୀ ତଥା ପର୍ଯ୍ୟବେକ୍ଷକ ଅମିତ ଶାହ ଓ ମୁଖ୍ୟମନ୍ତ୍ରୀ ତଥା ସହ-ପର୍ଯ୍ୟବେକ୍ଷକ ମୋହନ ଚରଣ ମାଝୀ। ଶନିବାର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ କୋଲକାତାର ପରେଡ



ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପ୍ରଥମଥର ପାଇଁ ପଶ୍ଚିମବଙ୍ଗରେ ବିପୁଳ ଜନମତରେ ସରକାର ଗଠନ କରିବାକୁ ଯାଉଛି ବିଜେପି।

ଚଳିତ ନିର୍ବାଚନରେ ମମତାଙ୍କ ଆସନ ଭବାନୀପୁର ଓ ନନ୍ଦିଗ୍ରାମରୁ ବିଜୟ ହୋଇଥିଲେ ଶୁଭେନ୍ଦୁ ଅଧିକାରୀ। ଗତ ୨୦୨୧ରେ ମମତାଙ୍କୁ ନନ୍ଦିଗ୍ରାମରୁ ହରାଇ ଥିବାବେଳେ ଏଥର ଭବାନୀପୁରରୁ ମମତାଙ୍କୁ ହରାଇଛନ୍ତି ଶୁଭେନ୍ଦୁ। ବିଧାନସଭା ଫଳାଫଳ ଆସିବା ପରେ ପଶ୍ଚିମବଙ୍ଗରେ ଥମୁନି ନିର୍ବାଚନ ପରବର୍ତ୍ତୀ ହିଂସା। ଗତ ବୁଧବାର ରାତିରେ ଶୁଭେନ୍ଦୁ ଅଧିକାରୀଙ୍କ ପିଏ ଚନ୍ଦ୍ରନାଥ ରଥଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଅନେକ ସ୍ଥାନରେ ହିଂସାକାଣ୍ଡ ଘଟଣା ସାମ୍ନାକୁ ଆସିଥିଲା।

ନିର୍ବାଚନରେ ପରାଜୟ ପରେ ଗୁରୁବାର ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମମତା ବାନାର୍ଜିଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ମମତା ହାରି ନାହାନ୍ତି ବଂର ତାଙ୍କୁ ହରାଇ ଦିଆଯାଇଥିବା କହିଥିଲେ।

ଗୁରୁବାର ପଶ୍ଚିମବଙ୍ଗ ବିଧାନସଭା ଭଙ୍ଗ କରିଛନ୍ତି ରାଜ୍ୟପାଳ ଆର.ଏନ ରବି। ବିଧାନ ସଭା ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିଜ ପଦବୀରୁ ଇସ୍ତଫା ଦେବାକୁ ପୂର୍ବରୁ ମନା କରିଥିଲେ ମମତା। ଏହାପରେ ରାଜ୍ୟପାଳ ବିଧାନସଭା ଭଙ୍ଗ କରିଥିଲେ।

## ଆଜିର ମୁଖ୍ୟ ଖବର

- କେନ୍ଦ୍ର ଜଙ୍ଗଲ, ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ କୋଲକାତାରେ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।
- ଅର୍ଥନୀତିଜ୍ଞ ଅଶୋକ କୁମାର ଲାହିଡ଼ି ନୀତି ଆୟୋଗର ଉପାଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କଲେ।
- ନାସିକ ଟିସିଏସ ଧର୍ମାନ୍ତରଣ ମାମଲା: ମୁଖ୍ୟ ଅଭିଯୁକ୍ତା ନିଦା ଖାନଙ୍କୁ ୪ ଦିନିଆ ରିମାଣ୍ଡରେ ନେଲା ପୋଲିସ।
- କାନିମୋଝି ଲୋକସଭା ବାଚସ୍ପତିଙ୍କୁ ଲେଖି ଡିଏମକେ ସାଂସଦମାନଙ୍କୁ କଂଗ୍ରେସଠାରୁ ପୃଥକ ଭାବରେ ବସାଇବାକୁ କଲେ ଅନୁରୋଧ।
- ସୋସିଆଲ ମିଡିଆ ପ୍ରୋଫାଇଲରୁ 'ମୁଖ୍ୟମନ୍ତ୍ରୀ' ଶବ୍ଦ ହଟାଇବାକୁ ପ୍ରସ୍ତୁତ ନୁହନ୍ତି ମମତା, ଚର୍ଚ୍ଚା ଜୋରଦାର।
- ମଣିପୁରର ସେନାପତି-ଚୁରାଚାନ୍ଦପୁର ଜିଲ୍ଲାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ।
- ଦେଶରେ ପେଟ୍ରୋଲ ମୂଲ୍ୟ ପ୍ରତି ଲିଟର ପ୍ରାୟ ୯୪.୭୭ ଟଙ୍କାରେ ସ୍ଥିର।

# ଅଙ୍ଗନୱାଡ଼ି କେନ୍ଦ୍ରର ବିକାଶ ପାଇଁ ସବୁ ବିଧାୟକଙ୍କୁ ଚିଠି ଲେଖିଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୮।୫**

**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ମହିଳା ଓ ଶିଶୁ ବିକାଶ ଧାରାକୁ ଅଧିକ ବ୍ୟାପକ କରିବା ପାଇଁ ଏକ ବଡ଼ ପଦକ୍ଷେପ ସ୍ୱରୂପ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀର ବିଧାୟକମାନଙ୍କୁ ପତ୍ର ଲେଖିଛନ୍ତି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଭାବରେ ସେ ନିର୍ବାଚନମଣ୍ଡଳୀଗୁଡ଼ିକରେ ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନିର୍ମାଣ ଓ ଏହାର ବିକାଶ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ସମସ୍ତ ଜନପ୍ରତିନିଧିଙ୍କୁ ଆହ୍ୱାନ କରିଛନ୍ତି।

ବିଶେଷ କରି ନିଜ ନିଜର ନିର୍ବାଚନ ମଣ୍ଡଳୀରେ ଚାଲୁଥିବା କାର୍ଯ୍ୟରେ ମହିଳାମାନଙ୍କ ଭାଗିଦାରୀ ସୁନିଶ୍ଚିତ କରିବା ଉପରେ ସେ ଏହି ଚିଠିରେ ଗୁରୁତ୍ୱାରୋପ କରିଛନ୍ତି।



ଶ୍ରୀମତୀ ପରିଡ଼ା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ବିକାଶ ଓ ନିର୍ମାଣ କାର୍ଯ୍ୟ ଯେପରି ସମୟାନୁବର୍ତ୍ତୀ ଏବଂ (ପୃଷ୍ଠା ୭ରେ)

# ଭାରତରେ ଏଆଇ ଭିତ୍ତିଭୂମି, ସର୍ଭର, ଡ୍ରୋନ୍ ନିର୍ମାଣରେ ନିବେଶ ସମ୍ଭାବନା ଖୋଜୁଛି ଗୁଗୁଲ୍

**ନୂଆଦିଲ୍ଲୀ,୮।୫**

ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର କହିଛନ୍ତି ଯେ, ଇଣ୍ଟରନେଟ୍ କ୍ଷେତ୍ରର ଅଗ୍ରଣୀ କମ୍ପାନୀ ଗୁଗୁଲ୍ ଭାରତରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଇନ୍‌ଫ୍ରାଷ୍ଟ୍ରକ୍‌ଚର, ସର୍ଭର ଏବଂ ଡ୍ରୋନ୍ ନିର୍ମାଣ କ୍ଷେତ୍ରରେ ନିବେଶର ସମ୍ଭାବନା ଖୋଜୁଛି।

ବୈଷ୍ଣବ ସୋସିଆଲ୍ ମିଡିଆ ମାଧ୍ୟମ 'ଏକ୍ସ'ରେ ଗୁଗୁଲ୍‌ର ଅଧିକାରୀମାନଙ୍କ ସହିତ ହୋଇଥିବା ତାଙ୍କର ସାକ୍ଷାତ୍‌କାର ସମ୍ପର୍କରେ ସୂଚନା ସେୟାର କରି କହିଛନ୍ତି ଯେ, କମ୍ପାନୀ ଭାରତରେ ଏଆଇ ଇନ୍‌ଫ୍ରାଷ୍ଟ୍ରକ୍‌ଚରର ବିକାଶ ସହ ଇଲେକ୍ଟ୍ରୋନିକ୍ସ ମାନୁଫ୍ୟାକ୍‌ଚରିଂ କ୍ଷେତ୍ରରେ ମଧ୍ୟ ସୁଯୋଗର ଆକଳନ କରୁଛି।

ବୈଷ୍ଣବ କହିଛନ୍ତି, "ଗୁଗୁଲ୍ ଭାରତରେ ଏଆଇ ଇନ୍‌ଫ୍ରାଷ୍ଟ୍ରକଚର, ସର୍ଭର ଏବଂ ଡ୍ରୋନ୍



ନିର୍ମାଣ କ୍ଷେତ୍ରରେ ନିବେଶର ସମ୍ଭାବନା ଖୋଜୁଛି।"

ବିଶେଷଜ୍ଞମାନଙ୍କ ଅନୁସାରେ, ଏହି ପଦକ୍ଷେପ ଦେଶରେ ଉଦୀୟମାନ ଏଆଇ ଇକୋସିଷ୍ଟମ୍ ଏବଂ ଇଲେକ୍ଟ୍ରୋନିକ୍ସ ମାନୁଫ୍ୟାକ୍‌ଚରିଂକୁ ପ୍ରୋତ୍ସାହନ ଦେବା ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ମନାଯାଉଛି।

ଏହି ଘୋଷଣା ଏମିତି ଏକ ସମୟରେ ହୋଇଛି, ଯେତେବେଳେ (ପୃଷ୍ଠା ୭ରେ)

## ଆଜି ଶପଥ ନେବେ ବିଜୟ

**ନୂଆଦିଲ୍ଲୀ,୮।୫**

ଟିଭିକେ ମୁଖ୍ୟ ବିଜୟ ବହୁମତ ସହ ଶୁକ୍ରବାର ତୃତୀୟ ଥର ପାଇଁ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଭେଟି ସରକାର ଗଢ଼ିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଯାହାକୁ ରାଜ୍ୟପାଳ ମଞ୍ଜୁରୀ ମଧ୍ୟ ଦେଇଛନ୍ତି। ଆଉ ରାଜ୍ୟପାଳଙ୍କ ମଞ୍ଜୁରୀ ସହ ତାମିଲନାଡୁରେ ନୂଆ ସରକାର ଗଠନ ପାଇଁ ରାସ୍ତା ସଫା ହୋଇଛି। ଶନିବାର ସକାଳ ୧୧ଟାରେ ବିଜୟଙ୍କ ଶପଥ ଗ୍ରହଣ ସମାରୋହ ହେବା ନେଇ କୁହାଯାଇଛି।

ସୂଚନାଥାଉକି, ପୂର୍ବରୁ ବିଜୟ ଦୁଇ ଥର ରାଜ୍ୟପାଳଙ୍କୁ ଭେଟି ସରକାର ଗଢ଼ିବାକୁ ଦାବି ଜଣାଇଥିଲେ। ମାତ୍ର ଆବଶ୍ୟକ ୧୧୮ ବିଧାୟକ ଦସ୍ତଖତ ନଥିବାରୁ ରାଜ୍ୟପାଳ ତାଙ୍କୁ ଫେରାଇ ଦେଇଥିଲେ। ଯାହାକୁ ନେଇ ରାଜନୀତି ବି ତେଜିଥିଲା। ଅବଶ୍ୟ ଏହାରି ମଧ୍ୟରେ (ପୃଷ୍ଠା ୭ରେ)

# ସୋମନାଥ ମନ୍ଦିର ଆମ ସଭ୍ୟତାର ଅତୁଟ ସଂକଳ୍ପ



**ନୂଆଦିଲ୍ଲୀ,୮।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ପୁନଃନିର୍ମିତ ସୋମନାଥ ମନ୍ଦିରର ଲୋକାର୍ପଣର ୭୫ତମ ବାର୍ଷିକୀ ପାଳନ ଅବସରରେ ମଇ ୧୧ ତାରିଖରେ ତାଙ୍କୁ ପୁଣି ଥରେ ସେଠାକୁ ଯିବାର ସୌଭାଗ୍ୟ ମିଳିବ। ସେ ଏହାକୁ ଭାରତର ସଭ୍ୟତା ଏବଂ ଆସ୍ଥାର ମହାନତାର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ ଏବଂ କଠିନ ପରିସ୍ଥିତିରେ ମଧ୍ୟ ସୋମନାଥଙ୍କୁ ରକ୍ଷା କରିଥିବା ଏବଂ ଏହାର ଗୌରବକୁ ପୁନର୍ଜୀବିତ କରିଥିବା ବ୍ୟକ୍ତିତ୍ୱ ଏବଂ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ପୋଷ୍ଟରେ ସୋମନାଥ ଉପରେ ତାଙ୍କର ପ୍ରବନ୍ଧ ସେୟାର କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଅବସର ଆମକୁ ମନେ ପକାଇ ଦିଏ ଯେ ଦେଶର ଅନେକ ପିଢ଼ି ଏହି ପବିତ୍ର ସ୍ଥାନର ସୁରକ୍ଷା ଏବଂ ପୁନଃନିର୍ମାଣ ପାଇଁ ନିରନ୍ତର ସଂଘର୍ଷ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସୋମନାଥ କେବଳ ଏକ ମନ୍ଦିର ନୁହେଁ, ବରଂ ଏହା ଆମ ସଭ୍ୟତାର ଏକ ଅତୁଟ ସଂକଳ୍ପ। ସମୁଦ୍ରର ତରଙ୍ଗ ଆମକୁ ଶିକ୍ଷା ଦିଏ ଯେ ଯେତେ ଝଡ଼ ହେଉନା କାହିଁକି, ମଣିଷର ସାହସ ଏବଂ ଆତ୍ମବିଶ୍ୱାସ ପ୍ରତ୍ୟେକ ଥର ପୁନର୍ବାର ଉଠିବାରେ ସକ୍ଷମ। ପ୍ରଭାସଙ୍କ ପରିକ୍ରମା ସମଗ୍ର ପୃଥିବୀର ପରିକ୍ରମା ଭଳି ଏବଂ ଏଠାକୁ ଆସୁଥିବା ଭକ୍ତମାନେ ସଭ୍ୟତାର ଚମତ୍କାର ନିରନ୍ତରତା ଅନୁଭବ କରନ୍ତି ଯାହାର ଆଲୋକ କଦାପି ଲିଭିଯିବ ନାହିଁ।

## ଡିଆରଡିଓ ଏବଂ ବାୟୁସେନା ସ୍ୱଦେଶୀ ଗ୍ଲାଇଡ୍ ଅସ୍ତ୍ର ପ୍ରଣାଳୀର ପ୍ରଥମ ପରୀକ୍ଷଣ

**ନୂଆଦିଲ୍ଲୀ,୮।୫**

ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁସେନା ଓଡ଼ିଶା ଉପକୂଳରେ ସାମରିକ ଅନନ୍ତ ରେଞ୍ଜ ସମ୍ବର୍ଦ୍ଧନ (ଟିଏଆରଏ) ଅସ୍ତ୍ରଶସ୍ତ୍ରର ପ୍ରଥମ ସଫଳ ପରୀକ୍ଷଣ ହୋଇଛି। ଟିଏଆରଏ ହେଉଛି ଏକ ମଡ୍ୟୁଲାର୍ ରେଞ୍ଜ ଏକ୍ସଟେନସନ୍ କିଟ୍, ଯାହା ଭାରତର ପ୍ରଥମ ସ୍ୱଦେଶୀ ଗ୍ଲାଇଡ୍ ଅସ୍ତ୍ର ପ୍ରଣାଳୀକୁ ପ୍ରତିନିଧିତ୍ୱ କରେ। ଟିଏଆରଏ ଅପରିଚିତ ଯୁଦ୍ଧାସ୍ତ୍ରକୁ ସଠିକତା-ନିର୍ଦ୍ଦେଶିତ ଅସ୍ତ୍ରରେ ପରିଣତ କରେ। ଡିଆରଡିଓ ଅନୁଯାୟୀ, ଟିଏଆରଏକୁ ହାଇଦ୍ରାବାଦର ଗବେଷଣା କେନ୍ଦ୍ର ଇମାରତ (ଆରସିଆଇ) ଦ୍ୱାରା ଅନ୍ୟ ଡିଆରଡିଓ ପ୍ରୟୋଗଶାଳା ସହିତ ଡିଜାଇନ୍ ଏବଂ ବିକଶିତ କରାଯାଇଥିଲା। (ପୃଷ୍ଠା ୭ରେ)





## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୬୮ (-୩୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୯୯୫ (-୩୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୫୧ (-୨୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୫ (+୫)

## ଏକାଳ ପଖାଳ



କ'ଣ କହିବା ଭାଇନା ଆଉ
ଚାରିଆଡ଼େ ଅପରାଧ
ନେତା ପୁଲିସି ଭାବୁଥାନ୍ତି ପରା
ଜନତାଗୁଡ଼ାକ ଗଧ
ଖସି ଯାଉ ଯାଉ ପାଦ
ସମ୍ଭାଳିନେଲେ ସବୁ ଠିକ୍ ହେବ
ଆଗେ ଅଛି ଭଲ ମନ୍ଦ !

# ୨୦ ହଜାର ଟଙ୍କା ପାଇଁ ପୁଣି ଜଣେ ଯୁବକକୁ ହତ୍ୟା !





**ଭୁବନେଶ୍ୱର,୮।୫**

**ନ୍ୟୁଜ୍‌ବ୍ୟୁରୋ**

ବାଲିଅନ୍ତା ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଥମି ନଥିଲେ ମଧ୍ୟ ସମାନ ଘଟଣା ଏବେ ସାମ୍ନାକୁ ଆସିଛି ରାଜଧାନୀ ଉପକଣ୍ଠ ବାଲିପାଟଣା ଅଞ୍ଚଳରୁ। ପୁଣି ଜଣେ ଯୁବକକୁ ମାଡ଼ମାରି ହତ୍ୟା କରାଯାଇଥିବାର ଅଭିଯୋଗ ଆସିଛି। ମୃତକ ଅଠାନ୍ତର ଗାଁର ରାକେଶ ଦାସ ବୋଲି ଜଣାପଡ଼ିଛି। ଅଠାନ୍ତର ବଜାର ଛକରେ ରାକେଶଙ୍କୁ ନିସ୍ତୁକ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ମାଡ଼ ମରାଯିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଛନ୍ତି। ଏହି ହତ୍ୟା ଟଙ୍କା କାରବାରକୁ ନେଇ ହୋଇଥିବାର ସୂଚନା ମିଳିଛି। ବାଲିପାଟଣା ଅଞ୍ଚଳର ଯେଉଁ ଯୁବକକୁ ମାଡ଼ମାରି ହତ୍ୟା କରାଯାଇଛି ସେ ତାଙ୍କ ବନ୍ଧୁଙ୍କ ଠାରୁ ୨୦ ହଜାର ଟଙ୍କା ଉଧାର ନେଇଥିଲେ। ଉକ୍ତ ଟଙ୍କା ଫେରାଇବା ପାଇଁ ତାଙ୍କର ବନ୍ଧୁ ମାଗିବା ପରେ ଉଚ୍ଚବାଚ ହୋଇଥିଲା। ଯେଉଁଥିରେ ଉତ୍ତ୍ୟକ୍ତ ହୋଇ ବନ୍ଧୁଜଣକ ଲୁହାଛଡ଼ରେ ରାକେଶର ମୁଣ୍ଡକୁ ପିଟିବା ଦ୍ୱାରା ଘଟଣାସ୍ଥଳରେ ସେ ଗୁରୁତର ଅବସ୍ଥାରେ ପଡ଼ିଯାଇଥିଲେ। ପରେ ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

ଏଠାରେ ସୂଚନା (ପୃଷ୍ଠା ୭ରେ)

# ଆଗାମୀ ସପ୍ତାହରେ ଲଘୁଚାପ !

**ଭୁବନେଶ୍ୱର,୮।୫**

**ନ୍ୟୁଜ୍‌ବ୍ୟୁରୋ**

ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ। ଆସନ୍ତା ୧୦ ବେଳକୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ନେଇ ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ। ପୂର୍ବରୁ ଜିଏଫଏସ ଅନୁଯାୟୀ ଲଘୁଚାପ ଆକଳନ କରୁଥିବା ବେଳେ ପରେ ଇସିଏମଡବ୍ଲ୍ୟୁଏଫ ମଡେଲ ଅନୁମାନ କରିଥିଲା।

ଆସନ୍ତା ୧୨ ସୁଦ୍ଧା ଶ୍ରୀଲଙ୍କା ଓ ତାମିଲନାଡୁ ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ପୂର୍ବାନୁମାନ କରିଛି ଆଇଏମ୍‌ଡି। ହେଲେ ଅବପାତ ସୃଷ୍ଟି ସମ୍ଭାବନା କମ୍ ଥାଏ।

ଏହା କେଉଁ ଆଡ଼କୁ ଗତି କରିବ ତାହା ଏବେ ବି ଅସ୍ପଷ୍ଟ। ତଥାପି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବାନେଇ ଅନୁମାନ କରାଯାଉଛି। ବର୍ତ୍ତମାନ କେନ୍ଦ୍ରୀୟ ଭାରତରେ ଏକ ଟ୍ରାଫ୍ ଲାଇନ୍ ରହିଛି, ଯାହାର ପ୍ରଭାବରେ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ଲାଗି ରହିଛି। ମାତ୍ର ୧୧ ତାରିଖ ବେଳକୁ ଏହି ଟ୍ରାଫ୍ ଲାଇନ୍ ଦୁର୍ବଳ ହେଲେ ଏହାପରେ ଲଘୁଚାପ କ୍ଷେତ୍ରଟି କେଉଁ ଦିଗକୁ ଯିବ ତାହା ସ୍ପଷ୍ଟ ହେବ।

ପ୍ରଫେସର ପଶୁପାଳକ କହିଛନ୍ତି, ସମୁଦ୍ର ପୃଷ୍ଠର ତାପମାତ୍ରା ପୂର୍ବାପେକ୍ଷା ୧ ଡିଗ୍ରୀ ବଢ଼ି ୩୦-୩୧ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି ପାଇଛି। ଏହା ବାତ୍ୟା ପାଇଁ ଅନୁକୂଳ ପରିବେଶ। ସେହିପରି ବାୟୁମଣ୍ଡଳର ତଳସ୍ତରରୁ ଉପର ସ୍ତରକୁ ପୂର୍ବରୁ ପବନର ଗତି ୪୬ କିମିରୁ ୫୫ କିମି ଥିଲା। ଏହାର ବେଗ ହ୍ରାସ ପାଇ ଘଣ୍ଟା ପ୍ରତି ୩୭ କିମି ରହିଛି। ଏହା କମିବା ଦ୍ୱାରା ଲଘୁଚାପ ଘନୀଭୂତ ହେବାକୁ ଅନୁକୂଳ ହେବ।

# ଆଇପିଏସଙ୍କ ଅଣ୍ଡରକଭର ଅପରେସନ୍

ମହିଳାଙ୍କ ସୁରକ୍ଷା ପାଇଁ ଆଜିକାଲି ଅଭିଭାବକଙ୍କଠୁ ସରକାରଙ୍କ ଯାଏ ସମସ୍ତେ ଚିନ୍ତିତ ହୋଇ ପଡିଥିବାବେଳେ ସତରେ କଣ ମହିଳାଟିଏ ନିର୍ଜନ ରାତିରେ ଏକାକୀ ଯାଇପାରିବ କୌଣସି ସ୍ଥାନକୁ ନିତାନ୍ତ ଆବଶ୍ୟକ ବେଳେ ? କିମ୍ବା ଅଫିସରୁ ଫେରିବାବେଳେ ? ସବୁବେଳେ କଣ ତାକୁ ପହରା ଦେବାପାଇଁ ପୁରୁଷଟିଏ ନିୟୋଜିତ ହେବା ଆବଶ୍ୟକ ? ସେଦିନ ଠିକ ରାତି ପ୍ରାୟ ସାଢେ ୧୨ଟା ହେବ ଶୂନଶାନ ରାସ୍ତା । ବସଷ୍ଟପ୍‌ରେ ସାଲୱାର୍ ସୁଟ୍ ପିନ୍ଧି ଠିଆ ହୋଇଥିଲେ ଜଣେ ଏକାକୀ ମହିଳା । ହାଇଦ୍ରାବାଦ ସଡ଼କରେ ସେଦିନ ଯାହା ଘଟିଲା ତାହା କୌଣସି ଫିଲ୍ମର ସସପେନ୍ସ ଥ୍ରିଲର କାହାଣୀ ଠାରୁ ବୋଧହୁଏ କମ୍ ହେବନି... ଏ ଦୃଶ୍ୟ ଥିଲା ହାଇଦ୍ରାବାଦରେ ଜଣେ ମହିଳା ଆଇପିଏସ୍‌ଙ୍କ ଅଣ୍ଡରକଭର ଅପରେସନ । ସେଦିନ ସହରର ସ୍ଥିତି ପରଖିବାକୁ ଖୋଦ୍ ରାସ୍ତାକୁ ଓହ୍ଲାଇଥିଲେ ମଲକାଜଗିରି ପୁଲିସ କମିଶନର ସୁମତି । ରାତି ସାଢେ ୧୨ଟାରୁ ସାଢେ ୩ଟା ଯାଏଁ ସାଧାରଣ ପୋଷାକରେ ବିଭିନ୍ନ ସ୍ଥାନରେ ଯାଇ ଠିଆ ହୋଇଥିଲେ ମହିଳା ଆଇପିଏସ୍ । ସେଦିନ ୩ ଘଣ୍ଟାର ଅପରେସନ ଭିତରେ ସୁମତିଙ୍କୁ ଆପ୍ରୋଚ୍ କରିଥିଲେ ୪୦ଜଣ ପୁରୁଷ । ଅଶ୍ଳୀଳ ଇଙ୍ଗିତ କରି ସାଇଡ୍‌କୁ ଡାକୁଥିଲେ ଅସଭ୍ୟମାନେ । ସବୁଠୁ ଦୁର୍ଭାଗ୍ୟର ବିଷୟ ସେମାନଙ୍କ ଭିତରୁ ଅଧିକ ଥିଲେ ଷ୍ଟୁଡେଣ୍ଟ । ଯେଉଁମାନେ ଆମ ଦେଶର ଆଗାମୀ ଭବିଷ୍ୟତ । ଅଧିକାଂଶ ଲୋକ ନିଶାରେ ଚୁର୍ ଥିଲେ । ମଦ ନିଶାରେ ଅଭଦ୍ର ଭଳି ବ୍ୟବହାର କରିଥିଲେ । ଖରାପ କାମ କରିବାକୁ ଡାକିଥିଲେ । ନିର୍ଜନ ରାତିରେ ଏକାକୀ ଠିଆ ହୋଇଥିବା ଏହି ମହିଳାଙ୍କୁ ସେଦିନ ମିଳିଥିଲା ଏମିତି ସାହାଯ୍ୟ । ଏକଥା ଯେତିକି ଚିନ୍ତାଜନକ ସେତିକି ଦୁର୍ଭାଗ୍ୟଜନକ । ଏଥିରୁ ଜଣାପଡୁଛି ଏ ସମାଜରେ ନାରୀ କେତେ ସୁରକ୍ଷିତ । ସୁମତିଙ୍କ ଅପରେସନ ସରିବା ପରେ ପୁଲିସ ସେହି ଲୋକମାନଙ୍କୁ ଥାନାକୁ ଡାକିଥିଲା । ଆଗକୁ ଏମିତି ଭୁଲ୍ ନକରିବାକୁ ପୁଲିସ ଚେତାବନୀ ଦେଇ ଛାଡ଼ିଥିଲା । ଏମାନଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇନାହିଁ । ମହିଳାଙ୍କ ସୁରକ୍ଷା ପାଇଁ ଏହି ଅପରେସନ କରାଯାଇଥିଲା । ତେଲେଙ୍ଗାନା କ୍ୟାଡରର ବରିଷ୍ଠ ଆଇପିଏସ୍ ଅଧିକାରୀ ସୁମତି ମେ’ ୧ରେ ମଲକାଜଗିରି ପୁଲିସ କମିଶନର ଭାବେ ଦାୟିତ୍ୱ ନେଇଥିଲେ । ଏସି ରୁମରେ ବସି ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିହେବ ନାହିଁ ବୋଲି ହୃଦୟଙ୍ଗମ କରିପାରିଥିଲେ । ଏଥିପାଇଁ ସେ ରାସ୍ତାକୁ ଓହ୍ଲାଇବାକୁ ସ୍ଥିର କରିଥିଲେ । ଯେଉଁ ରାସ୍ତାରେ ପ୍ରତିଦିନ ହଜାର ହଜାର ମା’-ଭଉଣୀ ଯାତ୍ରା କରୁଛନ୍ତି ସେଠାରେ ସେମାନେ କେତେ ସୁରକ୍ଷିତ ତାହା ଜାଣିବାକୁ ଚେଷ୍ଟା କରିଥିଲେ । ଏଥିପାଇଁ ସେ ବିଳମ୍ବିତ ରାତିରେ ୩ ଘଣ୍ଟାର ଅଣ୍ଡର କଭର ଅପରେସନ ପ୍ଲାନ୍ କରିଥିଲେ । ଏହି ଅପରେସନ ପରେ ସୁମତି ଅନୁଭବ କରିଥିଲେ ଯେ ମହିଳାମାନଙ୍କ ପାଇଁ ନିର୍ଜନ ରାତି ସମ୍ପୂର୍ଣ୍ଣ ଅସୁରକ୍ଷିତ । ରାତିରେ ମହିଳାମାନେ କେବଳ ଅପରାଧ ନୁହେଁ, ଖରାପ ନଜର, ପିଛା କରିବା ଏବଂ ଅଶ୍ଳୀଳ ଇଙ୍ଗିତର ସମ୍ମୁଖୀନ ହୁଅନ୍ତି । ଏଥିରୁ ଜଣା ପଡୁଛି ଯେ, ସହରରେ ଯଦି ଜଣେ ମହିଳା କମିଶନରଙ୍କ ଏମିତି ଅବସ୍ଥା ତାହେଲେ ଏଠି ସାଧାରଣ ନାରୀ କେତେ ସୁରକ୍ଷିତ ? ସୁମତିଙ୍କ ଏହି ସିକ୍ରେଟ୍ ଅପରେସନ ପରେ ଏବେ ସବୁଠି ଚର୍ଚ୍ଚା । ସମସ୍ତେ ତାଙ୍କ ସାହସକୁ ଶତ ସଲାମ କରୁଛନ୍ତି । ପ୍ରଥମେ ଦିଲସୁଖନଗର ବସଷ୍ଟାଣ୍ଡରେ ଠିଆ ହୋଇଥିଲେ । ତାଙ୍କ ଆଖପାଖରେ ସାଧାରଣ ପୋଷାକରେ ଅନ୍ୟ ପୁଲିସ କର୍ମୀ ନିୟୋଜିତ ଥିଲେ । ତାଙ୍କୁ ଅଶ୍ଳୀଳ ବ୍ୟବହାର କରୁଥିବା ଲୋକମାନଙ୍କୁ ଜମାବି ଜଣା ନଥିଲା । ସେମାନେ କାହାକୁ କଣ କହୁଛନ୍ତି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଓଁ

### ମା କାଳୀଙ୍କ ସ୍ତୁତି ପ୍ରଣାମ

**ହରିଓଁ**

‘କଷ୍ଟକୁ ଛାଡି କୃଷ୍ଣେ ମଜ
ପଥଟି ହୋଇବ ସହଜ ।
ଆତ୍ମାରେ ଗୁରୁନାମ ହେଜ
ମାୟା ବିକାର ହୃଦୁ ତେଜ ।
ସେ କୃଷ୍ଣ ନାମ ମହାବୀଜ
ଭଜିଲେ ଦୁର୍ଗମ ସହଜ
ହଜି ହଜାଇ ନାମେ ମଜ,
ଭେଟିବେ ନିଶ୍ଚେଁ ବ୍ରଜରାଜ
ହେଜିଲେ ହେତୁଟି ସହଜ,
ସେ ଯେଣୁ ସ୍ୱୟଂ କାମବୀଜ ।
କହଇ ଅଭିରାମ ଭଜ
‘ବାଇ’ ରେ ଛନ୍ତି ରସ ରାଜ ’’ ।

**ହରିଓଁ**

ହେ ଗୁରୁଦେବ, ମଙ୍ଗଳମୟ
କୃପାବାରି ସିଞ୍ଚୁଥାଅ
ତୁମେ ଅଣାକାର ତୁମେ ଏକାକ୍ଷର
ବ୍ରହ୍ମ ବିନ୍ଦୁ ହୋଇଥାଅ
ହେ ଗୁରୁଦେବ ......... ସିଞ୍ଚୁଥାଅ (୧)
ତୁମ୍ଭେ ନିରାକାର କରୁଣା ସାଗର
ରୂପ ଅରୂପରେ ଥାଅ
ତୁମ୍ଭେ ଆତ୍ମାରାମ ଓଁ କାର ଝଙ୍କାର
ବ୍ରହ୍ମ ବିନ୍ଦୁ ହୋଇଥାଅ
ହେ ଗୁରୁଦେବ ..... ସିଞ୍ଚୁଥାଅ (୨)
ତୁମ୍ଭେ ହରିହର ତୁମ୍ଭେ ଜ୍ୟୋତିର୍ମୟ
ନାମ ଅନାମରେ ଥାଅ
ହେଗୁଣ ନିର୍ଗୁଣ ଆହେ ସର୍ବେଶ୍ୱର
ବ୍ରହ୍ମ ବିନ୍ଦୁ ହୋଇଥାଅ
ହେ ଗୁରୁଦେବ ...... ସିଞ୍ଚୁଥାଅ (୩)
ତୁମେ ଆତ୍ମାରାମ ପରମ ଈଶ୍ୱର
ଅଭିରାମ ହୃଦେ ଥାଅ (କ୍ରମଶଃ...)

◆◆

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୬୭)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଏହି ରାଜାଙ୍କ ସମୟରେ ସମସ୍ତ ଚଳନ୍ତି ସଂପତ୍ତିର ବିକ୍ରୟ ଆରମ୍ଭ ହୋଇ ଋଣ ପରିଶୋଧ ହେବାରେ ଲାଗିଲା । କିନ୍ତୁ ରାଜ୍ୟର ଦେଣା ଏତେ ବଢି ଯାଇଥିଲା ଯେ ରାଜା ସମସ୍ତ ଋଣ ପରିଶୋଧ କରିବାକୁ ଅସାମର୍ଥ୍ୟ ପ୍ରକାଶ କରି ସରକାରଙ୍କ ଅଧିନରେ ରାଜ୍ୟକୁ ୧୦ବର୍ଷ ପାଇଁ ଖାସ୍ କରିଦେବାପାଇଁ ବାଧ୍ୟ ହୋଇଥିଲେ । ଏହାପରେ ୧୮୬୬ ମସିହାରେ ଭୟଙ୍କର ଦୁର୍ଭିକ୍ଷ କୁଜଙ୍ଗବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଏହି ଦୁର୍ଭିକ୍ଷରେ କୁଜଙ୍ଗ ରାଜ୍ୟର ୭୫ଭାଗ ଜନସାଧାରଣ ମୃତ୍ୟୁବରଣ କଲେ । ଆଉ କିଛି ରାଜ୍ୟ ଛାଡି ଚାଲିଯାଇଥିଲେ । ତେଣୁ ରାଜ୍ୟର ଆୟ ୮୪୦୦୦ରୁ ୨୬୦୦୦ଟଙ୍କାକୁ ଖସି ଯାଇଥିଲା । ଅଥଚ ରାଜ୍ୟର



କେବଳ ଋଣର ସୁଧ ହୋଇଯାଇଥିଲା ୪୦,୭୫୭। ରାଜା ଋଣ ପରିଶୋଧ କରିବା ଓ ଦୂରର କଥା ସୁଧବି ପଇଠ କରିବା ପାଇଁ ସମର୍ଥ ହୋଇପାରିଲେ ନାହିଁ ତେଣୁ ଏହି ପରିପ୍ରେକ୍ଷୀରେ ରାଜ୍ୟକୁ ନିଲାମ କରିଦେବା ଛଡା ସରକାରଙ୍କ ପାଖରେ ଅନ୍ୟ ପନ୍ଥା ନଥିଲା । ୧୮୬୮ମଇ କୁଜଙ୍ଗ ରାଜ୍ୟ ନିଲାମ କରାଗଲା । ଏହି ରାଜ୍ୟକୁ ନିଲାମରେ ବର୍ଦ୍ଧମାନର ମହାରାଣୀ ୫.୫୦ଲକ୍ଷ ଦେଇ କୁଜଙ୍ଗର ମାଲିକ ହୋଇଗଲେ । ଏହି କାପୁରୁଷ ବିଦ୍ୟାଧର ଷଣ୍ଢ୧୧୦୦ ଏକର ବିଶିଷ୍ଟ କେତେକ ଦେବୋତ୍ତର ଜମିକୁ ପାଇବା ପାଇଁ କଲିକତା ହାଇକୋର୍ଟ ପର୍ଯ୍ୟନ୍ତ ମୋକଦ୍ଦମା କରି ମଧ୍ୟ ସଫଳ ହୋଇପାରିଲେ ନାହିଁ । କଟକର ତତ୍କାଳିନ କଲେକ୍ଟର ଜନ୍ ବିମସ୍ ରାଜାଙ୍କ ଭରଣ ପୋଷଣ ପାଇଁ ବର୍ଦ୍ଧମାନର ମହାରାଣୀଙ୍କୁ କିଛି ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ରାଣୀ ସମ୍ଭବତଃ ତାଙ୍କୁ ବାର୍ଷିକ୫,୦୦୦ଟଙ୍କା ପେନସନ ଦେବାକୁ ସମ୍ମତ ହୋଇଥାନ୍ତେ,କିନ୍ତୁ ରାଜା ସେ ୧୧୦୦ଏକର ଦେବୋତ୍ତର ସଂପତ୍ତି ଫେରି ପାଇବା ପାଇଁ ମହାରାଣୀ ଆଉ ସେଥିପ୍ରତି ଆଗ୍ରହ ପ୍ରକାଶ କଲେନାହିଁ । ଅବଶେଷରେ ବିଦ୍ୟାଧର ଷଣ୍ଢ ଅତ୍ୟନ୍ତ ଦୁଃଖ ଆଉ ମର୍ମାହତ ଅବସ୍ଥାରେ ୧୮୭୫ମସିହାରେ ଆତ୍ମହତ୍ୟା କଲେ । ଏହି ଭାବରେ ଓଡିଶାର ଏକ ଶକ୍ତିଶାଳି ରାଜବଂଶ ଏହିଠାରେ ଲୋପ ପାଇଗଲା । ତାଙ୍କର ଗୋଟିଏ ମାତ୍ର ପୁତ୍ର ଥିଲା । ଯାହାଙ୍କର ନାମ ଜଗଦୀଶ ଷଣ୍ଢ କିନ୍ତୁ ଏହି ବ୍ୟକ୍ତିଙ୍କ ବେଳକୁ ରାଜ୍ୟ ନଥିଲା । ସେ ରାଜା ବି ନଥିଲେ । ଉପରୋକ୍ତ ତଥ୍ୟାବଳି ଗୁଡିକ ଲଳାଟେନ୍ଦୁ ଦାସ ମହାପାତ୍ର ଯଗତ୍‌ସିଂହପୁର ଅତୀତ, ବର୍ତ୍ତମାନ ପୁସ୍ତକରେ ଉଲ୍ଲେଖ କରିଛନ୍ତି ।

କୁଜଙ୍ଗ ନରପତିମାନଙ୍କର ଅତ୍ୟାଚାର, ପ୍ରଜାମାନଙ୍କୁ ଅନେକ ସମୟରେ ମୃତ୍ୟୁଦଣ୍ଡ, ଦୂରଦୃଷ୍ଟିହୀନ ଶାସନରେ ସମଗ୍ର ରାଜ୍ୟ ଅସୁରକ୍ଷିତ, ବ୍ୟଭିଚାରର ବିଭତ୍ସତା ଏତେ ବଢିଯାଇଥିଲା ଯେ ଯାହାକୁ ବର୍ଣ୍ଣନା କରିବା କଷ୍ଟସାଧ । ୧୬୬୭୦ାରୁ ୧୮୭୫ମସିହା ପର୍ଯ୍ୟନ୍ତ କୁଜଙ୍ଗର ଭାଗ୍ୟ ଅତ୍ୟନ୍ତ କଦର୍ଯ୍ୟ ଓ ବିପର୍ଯ୍ୟସ୍ତ ଅବସ୍ଥାରେ ଗତି କରୁଥିବାରୁ ବିଶ୍ୱ ପ୍ରସିଦ୍ଧ କୁଞ୍ଜବିହାରୀ ପରିଚାଳନା ସଂପୂର୍ଣ୍ଣ ଭୁଷୁଡି ପଡିଥିଲା । ଯାହାଫଳରେ ୧୯୪୯ମସିହାର ଏକ ଧୂସର ଅପରାହ୍ନରେ କୁଞ୍ଜ ବିହାରୀ ମନ୍ଦିର ସଂପୂର୍ଣ୍ଣ ଭାଙ୍ଗି ପଡିଲା। ମନ୍ଦିରର ଧ୍ୱଂସ ସ୍ତୁପ ମଧ୍ୟରୁ ବିଗ୍ରହମାନଙ୍କୁ ଉଦ୍ଧାର କରୁଥିବା ସମୟରେ ଦେଖାଗଲା ଯେ ବଳଭଦ୍ର ଓ ଜଗନ୍ନାଥଙ୍କ ବିଗ୍ରହ କ୍ଷତ ବିକ୍ଷତ ହୋଇଥିବା ସ୍ଥଳେ ସୁଭଦ୍ରାଙ୍କ ମୂର୍ତ୍ତି ଅକ୍ଷତ ଅବସ୍ଥାରେ ରହିଛି, ତତ୍‌ପରେ ଏକ ଅସ୍ଥାୟୀ ମନ୍ଦିର ମୂଳ ମନ୍ଦିର ସମ୍ମୁଖରେ ନିର୍ମାଣ କରାଯାଇ ମହାପ୍ରଭୁମାନଙ୍କର ପୂଜାର୍ଚ୍ଚନା କରାଗଲା । ଭଗ୍ନମନ୍ଦିରକୁ ପରିଷ୍କାର କରି କୁଜଙ୍ଗଗଡର ଜଣେ ସ୍ୱାଭିମାନୀ, ସନ୍ତୁ ପ୍ରତୀମ ଯୁବକ ରାଜେନ୍ଦ୍ର ବେହେରାଙ୍କ ଅକ୍ଲାନ୍ତ ଉଦ୍ୟମ ଏବଂ ଲୋକପ୍ରିୟ ନେତା ଦାମୋଦର ରାଉତଙ୍କ ବଳିଷ୍ଠ ଉଦ୍ୟମରେ ତା ୨୭।୨।୨୦୦୯ ଦିନ ଏକ ବିଶାଳ ନୂତନ ମନ୍ଦିର ମଧ୍ୟରେ ମହାପ୍ରଭୁ କୁଞ୍ଜବିହାରୀ ପ୍ରବେଶ କଲେ । ଜୟ ଜଗନ୍ନାଥ, ଜୟ ମହାପ୍ରଭୁ କୁଞ୍ଜବିହାରୀ , ହେ ମହାପ୍ରଭୁ,ଏ ସଂସାରେ ସୁଖ ରହୁ । ଏତିକିହିଁ ପ୍ରାର୍ଥନା । (ସମାପ୍ତ)

# ପଦ୍ମଶ୍ରୀ ରଜତ କୁମାର କର – ଏକ ଅମଳିନ ପ୍ରତିଭା



ଡ଼କ୍ଟର ଗିରିଜା ଶଙ୍କର ମିଶ୍ର
ଚାୟାଁପାଳ, ମାହାଙ୍ଗା, କଟକ
ମୋ- ୯୭୭୮୬୪୪୫୬୧

ପଦ୍ମଶ୍ରୀ ରଜତ କୁମାର କରଙ୍କ ସ୍ମୃତି ମୋର ମାନସ ପଟଳକୁ ଓଡ଼ିଶା ଦିବସ ଉପଲକ୍ଷେ ଲିଖିତ ଏକ ପୋଷ୍ଟ ମାଧ୍ୟମରେ ଆସିଗଲା । ତା’ ସହିତ ମୁଁ ଏବଂ ମୋ ପରିବାରବର୍ଗଙ୍କ ସହ ତାଙ୍କର ଫଟୋଗ୍ରାଫ ମନେ ପଡ଼ିଗଲା । ଫଟୋ ଟିକୁ ଦେଖିବା ମାତ୍ରେ ତାଙ୍କର ସ୍ମୃତି ମୋର ଅବଚେତନ ମନକୁ କବଳିତ କରିବାକୁ ଲାଗିଲା । ଗୋଟିଏ ଗୋଟିଏ କରି ତାଙ୍କ ସହ ଯୋଡ଼ି ହୋଇଥିବା ଅନୁଭୂତିଗୁଡ଼ିକ ମୋର ଲେଖା ମାଧ୍ୟମରେ ବାହାରକୁ ଆସିବାକୁ ତତ୍ପର ହେବାକୁ ଲାଗିଲେ । ପେଷାରେ ରଜତ କର ଗଣ – ଶିକ୍ଷା ବିଭାଗରେ ଏକ ଉତ୍ତମ ପ୍ରଶାସକ ଥିଲେ ମଧ୍ୟ ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତିକୁ ଆଗକୁ ବଢ଼େଇ ନେବା ପାଇଁ ତାଙ୍କର ଧାରାବାହିକ ପ୍ରଚେଷ୍ଟାକୁ ପ୍ରାୟତଃ ସମସ୍ତେ ପ୍ରଶଂସା କରନ୍ତି । ବିଛନ୍ଦ ଚରଣ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ କଳିଙ୍ଗ ଭାରତୀ ର ସଭାପତି ଭାବରେ ସେ ବିଛନ୍ଦଙ୍କ ମୃତ୍ୟୁ ଠାରୁ ନିଜର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏକନିଷ୍ଠ ଭାବେ କାର୍ଯ୍ୟ କରିଛନ୍ତି ତଥା ମଧ୍ୟ ଯୁଗର ଓଡ଼ିଆ ଭାଷା-ସାହିତ୍ୟକୁ ଆଧୁନିକ ସାହିତ୍ୟ-ପିପାସୁମାନଙ୍କ ହୃଦୟରେ କଣ୍ଠହାର ପରି ସଜେଇ ଦେଇଛନ୍ତି । ତାଙ୍କ କଣ୍ଠରେ ଭଞ୍ଜ ସାହିତ୍ୟର ଆଲୋଚନା ଯିଏ ଶୁଣିଛି ସିଏ ସେ ପ୍ରସଙ୍ଗକୁ କେବେ ଭୁଲି ପାରିବ ନାହିଁ । ଏତେ ଟିକି-ନିକି ଭାବରେ ଶବ୍ଦଗୁଡ଼ିକର ବିନ୍ୟାସ କରି ଭିନ୍ନ ଭିନ୍ନ ଅର୍ଥରେ ବଡ଼ ମନୋହାରି ଢ଼ଙ୍ଗରେ ଶ୍ରୋତାମାନଙ୍କୁ ବୁଝେଇ ଭଞ୍ଜ ସାହିତ୍ୟ ପ୍ରତି ଆକର୍ଷିତ କରେଇବାର କରିସ୍ମା କେବଳ ରଜତ କରଙ୍କ ଦ୍ୱାରା ହିଁ ସମ୍ଭବପର ଅଟେ । ୧୯୯୨ ମସିହାରେ ଖଲ୍ଲିକୋଟ କଲେଜ ଷ୍ଟାଡ଼ିଅମରେ ଭଞ୍ଜ ଜୟନ୍ତୀ ସମାରୋହରେ ରଜତ କର ମୁଖ୍ୟ ବକ୍ତା ଥିଲେ । ବିଭିନ୍ନ ବିଶ୍ୱବିଦ୍ୟାଳୟମାନଙ୍କରୁ ଓଡ଼ିଆ ଭାଷାର ପ୍ରଫେସରମାନେ ସେ ସଭାର ବିଭିନ୍ନ ପଦ-ପଦବୀ ମଣ୍ଡନ କରୁଥିଲେ । ଯେତେବେଳେ ରଜତ କରଙ୍କ ଭାଷଣ ଆରମ୍ଭ ହେଲା କରତାଳିରେ ସଭାସ୍ଥଳୀ କମ୍ପିଉଠିଲା । ତାଙ୍କର ଭାଷଣ ସରିବା ପର୍ଯ୍ୟନ୍ତ ସମୟ-ସମୟକୁ ଶ୍ରୋତାଙ୍କ କରତାଳି ଲାଗି ରହିଥାଏ । କହିବା ବାହୁଲ୍ୟ ଯେ ଭଞ୍ଜ ସାହିତ୍ୟ ଉପରେ ରଜତ କରଙ୍କର ଭାଷଣ ସମସ୍ତଙ୍କ ଠାରୁ ଶ୍ରେଷ୍ଠ ଭାଷଣ ଥିଲା । ମୁଁ ସେତେବେଳେ ଖଲ୍ଲିକୋଟ କଲେଜରେ ଅଧ୍ୟାପକ ଥାଏ । ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ କଲେଜର ବିଭିନ୍ନ ବିଭାଗରେ ରଜତ କରଙ୍କ ଭାଷଣ ପ୍ରସଙ୍ଗରେ ଚର୍ଚ୍ଚା ଲାଗି ଚାଲିଲା ।

ଶ୍ରୀଜଗନ୍ନାଥ ସଂସ୍କୃତି ତଥା ଚେତନାର ପ୍ରଚାର ଏବଂ ପ୍ରସାର ପାଇଁ ତାଙ୍କର



ଉଦ୍ୟମକୁ ଜଗନ୍ନାଥପ୍ରେମୀ କେବେ ଭୁଲି ପାରିବେ ନାହିଁ । ରଥ ଯାତ୍ରା ସମୟରେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ, ଅନର୍ଗଳ ତଥା ଓଜସ୍ୱିନୀ ଧାରାବିବରଣୀ କୁ ଯିଏ ଶୁଣିଛି ତାକୁ କେବେ ଭୁଲି ପାରିବ ନାହିଁ । ଆଧ୍ୟାତ୍ମିକ ତଥା ରହସ୍ୟବାଦର ଗୂଢ଼ାତିଗୂଢ଼ ତତ୍ତ୍ୱକୁ ବଡ଼ ସରଳ ଭାଷାରେ ସେ ଶ୍ରୋତାମାନଙ୍କୁ ବୁଝେଇ ଦେଇପାରନ୍ତି । ଏପରି ପାଣ୍ଡିତ୍ୟ ତାଙ୍କୁ ନିରନ୍ତର ଉଦ୍ୟମ ତଥା ସ୍ୱାଧ୍ୟାୟରୁ ମିଳିଥିଲା ।

ପିଲା ଦିନ କଥା । ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରେ M.A ପରୀକ୍ଷା ଦେଉଥାଏ । ରଜତ କର ସେତେବେଳେ ଗଣ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଥାଆନ୍ତି । ମାଷ୍ଟରକାଣ୍ଟିନ୍ ପାଖରେ ସେ ସରକାରୀ କ୍ୱାର୍ଟରରେ ରହୁ ଥାଆନ୍ତି । ମୁଁ ତାଙ୍କରି ପାଖରେ ରହି ପରୀକ୍ଷା ଦଉଥାଏ । ସକାଳୁ ରାତିର ଶୋଇବା ପର୍ଯ୍ୟନ୍ତ ତାଙ୍କର ଜୀବନଚର୍ଯ୍ୟାକୁ ନିରୀକ୍ଷଣ କରୁଥାଏ । ମୋତେ ଲାଗୁଥାଏ ତାଙ୍କର ଜୀବନ ଜଣେ ଯୋଗୀ ଅଥବା ଋଷିଙ୍କ ଜୀବନ ଠାରୁ କୌଣସି ଗୁଣରେ କମ୍ ନ ଥିଲା । ଘରେ ରହୁଥିଲା ବେଳେ ପୂଜା, ଧ୍ୟାନ, ଧାରଣା ସ୍ୱାଧ୍ୟାୟ ରେ ତାଙ୍କର ସମୟ ବିତି ଯାଉଥିଲା । ଯେତେବେଳେ ଏ କାମ କରୁଥିଲେ, ଲାଗୁଥିଲା ପାର୍ଥିବ ଦୁନିଆଁ ସହିତ ତାଙ୍କର କିଛି ସମ୍ପର୍କ ନାହିଁ । ସେ ସମୟରେ ସେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ବହି ବେଶି ପଢ଼ାପଢ଼ି କରୁଥିଲେ । ତାଙ୍କ ପୂଜା-ଘରେ ଅନୁକୂଳ ଚନ୍ଦ୍ରଙ୍କର ବହିର ସିରିଜ୍ ଥାକ-ଥାକ ହୋଇ ରହିଥିଲା ।

ରଜତ କରଙ୍କର ସାହିତ୍ୟ ତଥା କଳା ସାଧନା ପାଇଁ ଏ ସମାଜ ତାଙ୍କୁ ବିଭିନ୍ନ ପୁରସ୍କାର ଦେଇ ସମ୍ମାନିତ କରିଛି । ସେଗୁଡ଼ିକ ହେଲା –

୧.ଶ୍ରେଷ୍ଠ ନାଟ୍ୟକାର ପୁସ୍କାର – ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ।
୨.ଶ୍ରୀଜଗନ୍ନାଥ ପୁରସ୍କାର ।
୩.ଆର୍ତ୍ତବଲ୍ଲଭ ସମ୍ମାନ ।
୪.ରଚି ସମ୍ମାନ ।
୫.ଭଞ୍ଜଶ୍ରୀ ଉପାଧୀ ।- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
୬.ବରେଣ୍ୟ ସାହିତ୍ୟିକ ସମ୍ମାନ – ଓଡ଼ିଶା ସାହିତ୍ୟ ଏକାଡ଼େମୀ ।
୭.ଡ଼ି.ଲିଟ୍ ଉପାଧି – ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ।
୮.ପଦ୍ମଶ୍ରୀ ସମ୍ମାନ – ଭାରତ ସରକାର ।

ଏହି ପରି ଆହୁରି ଅନେକ ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି । ଓଡ଼ିଶାର ଲୋକକଳା ପାଲାର ବିକାଶ ପାଇଁ ସେ ସେ ନିରନ୍ତର ଚେଷ୍ଟିତ ଥିଲେ । ଦୂରଦର୍ଶନରେ ପ୍ରତିଷ୍ଠିତ ପାଲା ଗାୟକମାନଙ୍କ ଭିତରେ ପାଲା-ପ୍ରତିଯୋଗିତା ହେଉଥିଲା । ରଜତ କର ସେ ପାଲା ପ୍ରତିଯୋଗିତାର ବିଚାରକ ଭାବରେ ଆସନ ଅଳଂକୃତ କରୁଥିଲେ । ଭଲ-ମନ୍ଦର ତର୍ଜମା କରି ନିଜର ମତାମତ ରଖୁଥିଲେ । ୨୦୨୨ ମସିହା ମେ ୦୮ ତାରିଖ ଦିନ ପଦ୍ମଶ୍ରୀ ରଜତ କରଙ୍କ ତିରୋଧାନ ହେଲା । ଜଗନ୍ନାଥ ସଂସ୍କୃତି ଖୋଜୁଛି ତା’ର ପ୍ରିୟ ଉଦଘୋଷକଙ୍କୁ, ଆକାଶବାଣୀ ଖୋଜୁଛି ତାର ପ୍ରିୟ ନାଟ୍ୟକାରଙ୍କୁ, ଭଞ୍ଜ - ସାହିତ୍ୟ ରସିକମାନେ ଖୋଜୁଛନ୍ତି ତାଙ୍କର ପ୍ରିୟ ବକ୍ତାଙ୍କୁ ଏବଂ ତାଙ୍କ ପୂଜା ଘର ଖୋଜୁଛି ତା’ର ସାଧକଙ୍କୁ- କେବଳ ନୀରବତା - ନୀରବତା... ଏଭଳି ବ୍ୟକ୍ତିତ୍ୱଙ୍କ ଦେହାବସାନ, ଓଡ଼ିଶାର ସାହିତ୍ୟ, ସଂସ୍କୃତି, ତଥା ଧର୍ମ ପାଇଁ ଯେ ଅପୂରଣୀୟ କ୍ଷତି ଅଟେ, ଏଥିରେ ସନ୍ଦେହର ଅବକାଶ ନାହିଁ ।

# ଏକ ୱେବ୍ ସିରିଜ୍ ଭାବରେ ନିର୍ବାଚନ

**ମୃଣାଳମନ୍ତ୍ର**



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଭାରତର ଚାରୋଟି ବଡ଼ ରାଜ୍ୟ ଆଉ ଗୋଟିଏ କେନ୍ଦ୍ର ଶାସିତ ଅଂଚଳରେ ସଦ୍ୟ ନିର୍ବାଚନ ସରିଛି । ଏ ଲେଖା ପ୍ରକାଶିତ ହେଲା ବେଳକୁ ସେଠି ସଦ୍ୟ ନିର୍ବାଚିତ ସରକାର ଶପଥ ଗ୍ରହଣ କରି ସାରିଥିବେ । ଅନ୍ତତଃ ଦୁଇଟି ରାଜ୍ୟରେ ନୂଆ ମୁଖ୍ୟମନ୍ତ୍ରୀ ଶାସନକୁ ଆସି ସାରିଥିବେ । ଭାରତୀୟ ନିର୍ବାଚନଗୁଡ଼ିକୁ ଯଦି ଏକ ୱେବ୍ ସିରିଜ୍ ଭାବରେ ଚିନ୍ତା କରାଯାଏ, ତେବେ ୨୦୨୬ ନିର୍ବାଚନର ଶୀର୍ଷକ ହେବ: ପ୍ଲଟ୍ ଟ୍ୱିଷ୍ଟ (ସମସ୍ତେ କିନ୍ତୁ କହିବେ ଯେ ସେମାନେ ଏହା ପୂର୍ବରୁ ଜାଣିଥିଲେ)” । ଆସନ୍ତୁ ପ୍ରଥମେ ପଶ୍ଚିମବଙ୍ଗକୁ ଯିବା । ଏଠି ସ୍କ୍ରିପ୍ଟ ଲେଖକମାନେ ସ୍ପଷ୍ଟ ଭାବରେ ନିଷ୍ପତ୍ତି ନେଲେ- “ବସ୍, ବହୁତ ହୋଇଗଲା ସସ୍ପେନ୍ସ । ଏବେ ଟେବୁଲ୍‌ଟାକୁ ଓଲଟାଇଦେବା ।” ଭାରତୀୟ ଜନତା ପାର୍ଟି ୨୯୪ରୁ ୨୦୭ଟି ଆସନ ଜିତି ଏକ ଐତିହାସିକ ବିଜୟ ହାସଲ କଲା ଏବଂ ଦୀର୍ଘଦିନ ଧରି ଯେଉଁ ରାଜ୍ୟରେ ସେମାନେ ଏକ ଅତିଥି ଭଳି ଥିଲେ- ଯାହାକୁ କେହି ଡିନରକୁ ଡାକୁନଥିଲେ- ସେଠାରେ ଅବଶେଷରେ ପ୍ରବେଶ କଲେ । ଏକ ସମୟର ଅଦ୍ୱିତୀୟ ନାୟିକା ମମତା ବ୍ୟାନାର୍ଜୀ ହଠାତ୍ ନିଜକୁ ପରାଜିତା ନାୟିକା ଭାବରେ ଆବିଷ୍କାର କଲେ । ତାମିଲନାଡୁରେ ରାଜନୀତି ଆଉ ଚଳଚ୍ଚିତ୍ର ଜାଆଁଳା ଭାଇ । ଏଥର ଅଭିନେତାରୁ ରାଜନେତା ହୋଇଥିବା ସି. ଜୋସେଫ ବିଜୟ ଏକ “ବ୍ଲକବଷ୍ଟର୍ ଡେବ୍ୟୁ” ଦେଇ ଦଶକ ପୁରୁଣା DMK–AIADMK ଦୁଇ ଦଳକୁ ଏକ କ୍ଲାଇମାକ୍ସ ଫାଇଟ୍ ସିନ୍ ଭଳି ଚୁରମାର କରିଦେଲେ । ମତଦାତାମାନେ କେବଳ ବଟନ୍ ଦବାଇନଥିଲେ- ସେମାନେ ପ୍ରାୟ ପ୍ରଥମ ଦିନ ପ୍ରଥମ ଶୋ’ର ଟିକେଟ୍ କିଣିଥିଲେ ।

ଆସାମରେ, ଭାରତୀୟ ଜନତା ପାର୍ଟି ନୂଆ ସ୍କ୍ରିପ୍ଟରେ ପରୀକ୍ଷା କରିବାକୁ ଚାହିଲେ ନାହିଁ । ସେମାନେ ସହଜରେ ସ୍ଥିତାବସ୍ଥା ବଜାୟ ରଖିଲେ, ଯାହା ପ୍ରମାଣ କରେ ଯେ କେବେ କେବେ ଭାରତୀୟ ମତଦାତାମାନେ ସିକ୍ୱେଲ୍‌କୁ ମଧ୍ୟ ପସନ୍ଦ କରନ୍ତି ।

ତାପରେ କେରଳ- ସରି କେରଲମ । ଏହା ଏମିତି ଏକ ରାଜ୍ୟ ଯାହା ନିର୍ବାଚନକୁ ଏକ ଶୃଙ୍ଖଳିତ ପେଣ୍ଡୁଲମ୍ ଭଳି ଦେଖେ । ଏଥର ଏହା କଂଗ୍ରେସ ନେତୃତ୍ୱାଧୀନ UDF ପକ୍ଷକୁ ଝୁଲିଗଲା ଏବଂ ବାମପନ୍ଥୀମାନଙ୍କୁ କହିଲା, “ଆପଣଙ୍କ ସେବା ପାଇଁ ଧନ୍ୟବାଦ, ପରବର୍ତ୍ତୀ ଟର୍ମରେ ଦେଖା ହେବ ।” ଏଭଳି କରି କେରଳ ଏକ ଐତିହାସିକ କାମ ମଧ୍ୟ କଲା- ସାମୟିକ ଭାବରେ ସମଗ୍ର ଭାରତରୁ ବାମପନ୍ଥୀମାନଙ୍କୁ ଶାସନ ଗାଦିରୁ ବାହାର କରିଦେଲା । ଲକ୍ଷ୍ୟ କରିବେ ସୁଧୀ ପାଠକେ, ଏହି ନିର୍ବାଚନରେ ସବୁ କିଛି ଥିଲା- ନାଟକୀୟତା, ନୂଆ ଅଭିନେତା, ପୁନରାଗମନ ଏବଂ ପ୍ଲଟ୍ ଟ୍ୱିଷ୍ଟ ।

ଖବରକାଗଜ ସ୍ତମ୍ଭ, ଟେଲିଭିଜନ ପରଦା ଆଉ ସାମାଜିକ ଗଣମାଧ୍ୟମରେ ବିଶ୍ଳେଷକମାନେ ଏବେ ଆମକୁ ବୁଝାଉଛନ୍ତି, ଯାହା ହେଲା ତାହା କାହିଁକି ହେଲା, ଯାହା ହେଲା ନାହିଁ, ତାହା କାହିଁକି ହେଲା ନାହିଁ । ସେମାନଙ୍କ କଥାର ସୁନାମି ଭିତରେ ଭାରତୀୟ ମତଦାତାମାନେ ନିର୍ବାଚନ ୱେବ ସିରିଜର ପରବର୍ତ୍ତୀ ଏପିସୋଡ ପାଇଁ ପ୍ରସ୍ତୁତ ହେଲେଣି ।

# ଗପ ହେଲେ ବି ସତ

ଥରେ ରାମକୃଷ୍ଣ ପରମହଂସ ତାଙ୍କ ପ୍ରାର୍ଥନାରେ ବସିଥିବା ସମୟରେ ଜଣେ ବିଶିଷ୍ଟ ସାଧକ ତାଙ୍କ ପାଖରେ ଆସି ପହଞ୍ଚିଗଲେ । ସାଧକ ଜଣକ ତାଙ୍କର ଦୀର୍ଘ ତିରିଶ ବର୍ଷ ସାଧନା ବଳରେ ଏକ ଐଶ୍ୱରିକ ଶକ୍ତିର ଅଧିକାରୀ ହୋଇପାରିଛନ୍ତି ବୋଲି କହି ଗର୍ବର ସହ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିବାକୁ ଚାହିଁଲେ। ରାମକୃଷ୍ଣଙ୍କ ହୃଦ୍‌ବୋଧ ହେବା ନିମନ୍ତେ ସେ ନିକଟସ୍ଥ ଏକ ନଦୀର ପାଣି ଉପରେ ଖାଲି ପାଦରେ ଚାଲି ଚାଲି ଆରକୂଳକୁ ଚାଲିଗଲେ ଓ ପୁଣି ସେମିତି ଚାଲି ଚାଲି ଫେରିଆସିଲେ। ଉପସ୍ଥିତ ଲୋକମାନେ ଏହିପରି ଏକ ଦୈବୀ ଶକ୍ତିର ଅଧିକାର ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଓ ଭାବିଲେ ରାମକୃଷ୍ଣ ତାଙ୍କୁ କୁଣ୍ଢେଇ ପକେଇ ପ୍ରଶଂସାରେ ପୋତି ପକେଇବେ ।



ଶ୍ୟାମସୁନ୍ଦର ଅଗ୍ରୱାଲା
୯୭, ଜନପଥ, ଭୁବନେଶ୍ୱର
୯୪୩୭୦୬୭୫୬୭

ଆଶ୍ଚର୍ଯ୍ୟର କଥା ପରମହଂସ ହଠାତ୍ ଉଦାସ ହୋଇଯାଇ ତାଙ୍କୁ କହିଲେ “ତୁମର ତିରିଶ ବର୍ଷର ସାଧନାର ମୂଲ୍ୟ କେବଳ କୋଡ଼ିଏ ଟଙ୍କା ମାତ୍ର । ନଦୀ ପାର ହେବାପାଇଁ ନୌକାର ବ୍ୟବସ୍ଥା ଅଛି ଓ ନାଉରୀ ଏଥିପାଇଁ ଥରକୁ ଦଶ ଟଙ୍କା ନେଇଥାଏ ଅର୍ଥାତ୍ ଯିବାଆସିବା ପାଇଁ ମାତ୍ର ସେ କୋଡ଼ିଏଟି ଟଙ୍କା ନେଇଥାନ୍ତା । ତେଣୁ ଏତେବଡ଼ ଦୈବୀ ଶକ୍ତିରୁ ମିଳିଲା କ’ଣ ? ବରଂ ଏପରି ଦୈବୀ ଶକ୍ତିର ଅଧିକାରୀ ହୁଅନ୍ତୁ ଯାହାଦ୍ୱାରା ଯାହାକୁ ଆପଣ ଦେଖିଦେବେ ତା’ମୁହଁରେ ହସ ଫୁଟି ଉଠିବ କିମ୍ବା ଆପଣ ଯାହାକୁ ଛୁଇଁଦେବେ ତା’ ଜୀବନର ସବୁ ଦୁଃଖକଷ୍ଟ ଦୂର ହୋଇଯିବ ।”

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## ଅସମାହିତ

**ଶରତ ଦାଶ**

କାହିଁକି ଏ ମନ ନମାନି ବନ୍ଧନ
ହୁଏ ସଦା ଧୈର୍ଯ୍ୟହରା
କାହିଁ ଏ ହୃଦୟ ନହୋଇ ସଦୟ
ସୃଜେ ଶ୍ରାବଣର ଧାରା ।।

କାହିଁ ଏ ନୟନ ହୋଇ ଛନଛନ
ଖୋଜେ କାର ଦରଶନ
କାହିଁକି କାହାର ବଚନ ଶ୍ରବଣ
କରିବାକୁ ଇଚ୍ଛେ କର୍ଣ୍ଣ ।।

କାହିଁକି କାହାର କଥା ମନେପଡେ
ଆସିଲେ ଗୋଧୂଳିବେଳେ
କାହିଁକି ଇଚ୍ଛାର ବନ୍ୟାରେ ବିବେକ
ପାଏ ନାହିଁ ଥଳକୂଳ ।।
କାହିଁପାଇଁ ଯେବେ ହୁଅଇ ପ୍ରଭାତ
ଉଦୟ ହେଲେ ତପନ
ଅନ୍ଧାର ହଟେନା ଚିନ୍ତା ଚେତନାରୁ
ଭୟ କରେ ପ୍ରପୀଡନ ।।
ଶାନ୍ତିର ବନାନୀ କାହିଁକି ଉଜୁଡେ
ଋତୁରାଜ ଆଗମନେ
ସୁନୀଳ ଆକାଶ ଦିଶଇ ଧୂସର
ମୋହ ତୁଟିଯାଏ କ୍ଷଣେ ।।
ନିର୍ଜନ ରଜନୀ କାହିଁ ଶିହରଣ
ଆଣେ ଗ୍ରାସି ଏକାକୀତ୍ୱ
କେହି କାହିଁ ନାହିଁ ତଥାପି ଡରାଏ
ଭୟଙ୍କର କେଉଁ ଭୂତ ।।
ଉଦଭଟ୍ଟ କେତେ ଭାବନାର ସ୍ରୋତେ
କାହିଁ ଭାସିଯାଏ ସତ୍ତା
କହିହୁଏ ନାହିଁ କହିବାକୁ ଯାହା
ଚାହେଁ କ୍ଷୁବ୍ଧ ନିରବତା ।।
ଯାହା ଆବଶ୍ୟକତାର ପ୍ରାପ୍ତି ପରେ
ଅପ୍ରାପ୍ତିର ଦାବାନାଳ
କାହିଁ ଜଳି କରେ କ୍ଷଣେ ଭସ୍ମୀଭୂତ
ହରିନିଏ ବୁଦ୍ଧିବଳ ।।
ଅସହାୟତାର ଚରମ ସୀମାରେ
ହସ୍ତ କରି ଉତ୍ଥାପନ
ହେତୁବାଦ ତେଜି ପ୍ରାଣ ତତକ୍ଷଣ
ସୁମରେ ରାଧାମୋହନ ।।

*ଭୁବନେଶ୍ୱର*

## ଦିଅ ବାରେ ଦରଶନ

**ପ୍ରଶାନ୍ତ କୁମାର ନାୟକ**



ଆମ ଦୁହିଁଙ୍କର ଅଦ୍ଭୁତ ସଂଯୋଗ
ଶୁଣ ଆହେ ମହାବାହୁ,
ଆଖିରୁ ଝରେ ମୋ ଶ୍ରାବଣର ଧାରା
ତୁମ କଥା ଭାବୁଭାବୁ ।।

ଦେଖିନି ତୁମକୁ କେବେ ମହାପ୍ରଭୁ
ତୁମେବି ତ ହୋଇନ କଥା,
କାହିଁକି ତଥାପି ଜଣାଏ ତୁମକୁ
ଅନ୍ତରର ଯେତେ ବ୍ୟଥା ।।

ଅନୁଭବ କରି ଜାଣି ମୁଁ ପାରୁଛି
ରହିଛ ତୁମେ ମୋ ସାଥେ,
ଅପରାଧ ମୋର ଭୁଲିଯାଇ ତୁମେ
କ୍ଷମା କରିଦେବ ମୋତେ ।।

ଆଖି ଦେଖୁଥାଉ ତୁମ ଦିବ୍ୟରୂପ
କାନ ଶୁଣୁ ତୁମନାମ,
ତୁମ ଶୁଭାଶିଷ ଥାଉ ମୋ ଉପରେ
ସାର୍ଥକ ହେଉ ମୋ ଜନ୍ମ ।।

ଲୁଚକାଳି କାହିଁ ଖେଳୁଛ ମୋ ସାଥେ
ଦିଅ ବାରେ ଦରଶନ,
ଶ୍ରୀ ପୟର ତୁମ ଧୋଇଦେବି ପ୍ରଭୁ
ଅଶ୍ରୁଜଳ ଦେଇ ମୋର ।।

*ୟୁନିଟ୍-୫, ଭୁବନେଶ୍ୱର*
*ଫୋନ୍- ୮୨୪୯୬୫୦୪୧୪*

## ନାରୀ ଲୁହ

**ସିଦ୍ଧାର୍ଥ ମିଶ୍ର**



କିଏ ସେ କହୁଛି ନାରୀଙ୍କୁ ଛୁଇଁଲେ
ହୋଇଯିବ ମହାପାପ,
ଜେଜେମା, ଆଈମା, ମାଉସୀ ଓ ମାଇଁ
କି ନାରୀ ନୁହନ୍ତି, ମିଣିପ ?
ଆଉଁସି ଦେଲେ ଯେ ଆଶିଷ ଆୟୁଷ
ବରଷଇ ମୋ ମଥାରେ,
ନୟନରେ ଯା'ର ସୁଖଦୁଃଖ ମୋର
ସକାଳୁ ସଞ୍ଜ ପହରେ ।
ହସିଦେଲେ ଲାଗେ ଦେବୀ ମାଆ ଆସି
ସରଗରୁ ଅବତରି,
ଆକଟ ଜଳରେ ଧୁଅନ୍ତି କଳୁଷ
ସିଞ୍ଚି ସେନେହର ବାରି ।
କୋଳଛଡା ହୋଇ ଶିଶୁଟିଏ ଯେବେ
କଳଙ୍କ ଧୂଳିରେ ଲୋଟେ,
ପଣତରେ ପୋଛି ଜଡ଼ାଇ ଧରିଲେ
ପାପ ଧାଏଁ ଦୂରବାଟେ ।

ମନ୍ଦ ମନରେ ଛନ୍ଦ କପଟରେ
କରେ ନାରୀ ସାଥେ ଛଳ,
ନିୟତିର ଛାଟ ବାଜିବାଟା ଥୟ
ଯେତେ କଲେ କଳବଳ ।
ତାଙ୍କ ନିଶ୍ୱାସରୁ ଉଧେଇନି କିଏ
ଯେତେ ବା ଚାଲାକି କଲେ,
ନାରୀଙ୍କୁ ସମ୍ମାନ କଲେ ହିଁ ସମାଜ
ଶିଷ୍ଟ ଆଉ ଭଦ୍ର ବୋଲେ ।
ଅସହାୟ ହୋଇ ଆତ୍ମହୁତି ଦେଇ
ଆଜି ଯେ ନାରୀ ମରୁଛି,

ତା ଲୁହ ତାତିରେ ସିଝିବ ସେ ପାପୀ
ଯେଉଁଠି ବା ଥାଉ ଲୁଚି ।
ଆକାଶ ଧରଣୀ ସବୁର ମାଲିକ
ଜଣେ ଏକା ଥାଅ ଜାଣି,
ଯେମିତି ହେଲେବି କର୍ମର ହିସାବ
ନେବ ସିଏ ଗଣି ଗଣି ।
ଯଦି ଏ ଜନମେ ଖସିଗଲା କେହି
ନ ଭୋଗି ତା କର୍ମଫଳ
ଆର ଜନମକୁ ବାକିଆ ପାପର
ଗଣୁଥିବ ସୁଧମୂଳ ।

*ଆର୍ଯ୍ୟପଲ୍ଲୀ, କିଟ୍ ମାର୍ଗ, ପଟିଆ, ଭୁବନେଶ୍ୱର*
*ଦୂରଭାଷ- ୭୮୫୫୮୮୫୦୮୨*

## ସ୍ୱଚ୍ଛତା ହିଁ ସେବା

**ଡ. ସଦା ବିହାରୀ ସାହୁ**



ସ୍ୱଚ୍ଛ ଆଚରଣ ସ୍ୱଚ୍ଛ ବିଚାର
ସ୍ୱଭାବରେ ସ୍ୱଚ୍ଛତା ଆଣିବା

ଘର, ରାସ୍ତା ଘାଟ, ଗଳି ଓ ସହର ସଫା ଓ ସୁତୁରା ହେଲେ

ରୋଗ- ଶୋକ ଠାରୁ ଦୂରରେ ରହିବା
ସଂକଳ୍ପ ଆମର ହେଉ ସ୍ୱଚ୍ଛତା
ପରିବେଶ ସଦା ସ୍ୱଚ୍ଛ ରଖିବା

ପରିବେଶ ସଂଗେ ମନ ଓ ଚିଂତନକୁ ସଫା ରଖିବା
ନିଜେ ସ୍ୱଚ୍ଛ ରହି ଅନ୍ୟକୁ ସ୍ୱଚ୍ଛ ରହିବାକୁ ବାଟ ଦେଖାଇବା
ଜୀବନର ମୂଳ ମନ୍ତ୍ର ହେଉ ସ୍ୱଚ୍ଛତା, ତା ସଂଗେ ଆମେ ଚାଲିବା
'ସ୍ୱଚ୍ଛତା ହିଁ ସେବା' ସବୁଦିନ ପାଇଁ ମନେ ରଖିବା

ନିଜେ ସ୍ୱଚ୍ଛ ରହି ଏ ସୁନ୍ଦର ଧରାକୁ ଆଗ ପିଢି ପାଇଁ ସାଇତି ରଖିବା ।

*ମୁମ୍ବାଇ*
*ମୋ-୯୪୧୫୪୦୨୫୮୦*

## ବର୍ଷା

**ବିଷ୍ଣୁପ୍ରିୟା ସାମଲ**

ବେଳେବେଳେ ଇଛା ହୁଏ
ଲେଖିବାକୁ ମାଟିର କବିତା
ଶୁଣିବାକୁ ବର୍ଷାର ସାୟରୀ
ଧରଣୀର ବିନ୍ଦୁ ବିନ୍ଦୁ ଲୁହରେ ବର୍ଷା ଆସେ
ଚାତକ ମେଘର ବଳୟକୁ ସ୍ୱାଗତ କରେ
ବର୍ଷା ଧରିତ୍ରୀର ପଣତ କାନି ଧରି
ଓହ୍ଲାଇ ଆସନ୍ତି ରାଜକୁମାର ସାଜି
ବର୍ଷାର ଜଳବିନ୍ଦୁ ମାଟିକୁ ସ୍ପର୍ଶ କଲେ
ଧରଣୀରାଣୀ ଖୁସିରେ ଯାନ୍ତି ଝୁମି
ବର୍ଷାର ଶବ୍ଦରେ ଟିପ୍ ଟିପ୍ ସ୍ୱର ଧ୍ୱନିରେ
ଗୀତ ସଗୀତର ତାଳ ତାଳରେ
ମନ ମୋର ଝୁମିଯାଏ ଖୁସିରେ ।

*ତୁଳସୀକ୍ଷେତ୍ର*
*ମୋ-୯୪୩୭୮୭୨୫୯୫*

## ଅସହ୍ୟ ରୌଦ୍ରତାପ

**ଅସୀମା ପ୍ରଧାନ**



ଉତ୍ତାପର କେନ୍ଦ୍ର ସେ ଯେ ଗ୍ରହ ରାଜ ସୂର୍ଯ୍ୟ
ନବଗ୍ରହର ଭିତରେ ତ ଅଟନ୍ତି ଅଗ୍ରପୂଜ୍ୟ ॥
ପୁଣି ସେ ହେଲେ ସକଳ ଶକ୍ତିର ଆଧାର
ବିଚ୍ଛୁରିତ ତାପଯୁକ୍ତ ରଶ୍ମିରାଜି ହୁଏ ତାଙ୍କର ॥
ସେ ସହସ୍ରାଂଶୁ, ଅଂଶୁମାଳୀ ପୁଣି ବିକର୍ତ୍ତନ
ଆଲୋକ ଉତ୍ତାପ ଦେଇଣ ରଖନ୍ତି ଜୀବନ ॥
ତେଜସ୍କ୍ରିୟ ଅଂଶୁ ତପଇ ଯେ ଅଧିକତର
ଜନ ସମାଜର ହୁଅଇ କାରଣ ଦୁଃଖର ॥
ପ୍ରଚଣ୍ଡ ତେଜରେ ଜୀବନ ପରା ହନ୍ତସନ୍ତ
ଅଗ୍ନିବର୍ଷି ଉତ୍ତାପରେ ହୁଅଇ ତ ଅଂଶୁଘାତ ॥
ଅଧିକ ଉତ୍ତାପ ପ୍ରଭାବେ ଅତିଷ୍ଠ ଯେ ନର
ପେଟ ଫୁଲି, ଦାନ୍ତ ପଡ଼ି ଯେ ନିସ୍ତେଜ ଶରୀର ॥
ସବଳ ମଣିଷ କ୍ଷଣିକେ ହୁଏ ଦୁର୍ବଳ
ଚିକିତ୍ସା ନ କଲେ ବାନ୍ଧି ହୁଏ ମୃତ୍ୟୁ କବଳ ॥



ଅତ୍ୟନ୍ତ ସ୍ୱାର୍ଥପର ନର ବୃକ୍ଷକୁ ଛେଦଇ
ଅଙ୍ଗାରକାମ୍ଳ ବିଶେଷଣ ହୋଇ ନ ପାରଇ ॥
ଧୂଳି ଧୂଆଁ ଜାଳେଣିରେ ଭର୍ତ୍ତି ହୁଏ ପବନ
ଅଙ୍ଗାରକାମ୍ଳ ବଢ଼ି ତାପ ନିଅଇ ଜୀବନ ॥
ବୃକ୍ଷ ହିଁ ଆଶା, ପ୍ରାକୃତିକ ଶୀତଳ ଭଣ୍ଡାର
ଉତ୍ତାପ ହ୍ରାସେ ସାମର୍ଥ୍ୟ ରଖଇ ବାୟୁର ॥
ବୃକ୍ଷ ରୋପଣ କରିବା ଆସ ଗ୍ରାମରୁ ନଅର
ସବୁଜ ଶୀତଳ ହେବ ତ ରାଜପଥଧାର ॥
ପ୍ରକୃତି ଦତ୍ତ ଜୀବନ ଜୀବିକା ଆମ୍ଭର
ସମ୍ମାନ ଆଦରେ ହେବ ପ୍ରକୃତି ନିଜର ॥
ନିଜ ଜନ କରେନା ତ ନିଜର ଅନାଦର
ଭାବ ସର୍ବେ ଥରେ ବିଶ୍ୱକୁ ଏକ ପରିବାର ॥
ବୃକ୍ଷଲତା ଜୀବଜନ୍ତୁ ଜୈବିକ ଅଜୈବିକ
କେହି ନୁହେଁ ଭିନ୍ନଭିନ୍ନ ସମସ୍ତେ ଯେ ଏକ ॥



## ମା'ର ଘର

**ଦେବସ୍ମିତା ବେହେରା**

ଯା' ଭିତରେ ବିତିଗଲାଣି ଅନେକ ବର୍ଷ
ସେହି ଘରୁ ବିଦା ହେବାର
ବିତିଗଲାଣି ଅନେକ ବର୍ଷ
ନୂଆ ଦୁନିଆ ବସେଇବାର
ହେଲେ ଜଣା ନାହିଁ କଥା କ'ଣ ?
ସଞ୍ଜ ନଇଁଲେ ମନ
ପହଞ୍ଚିଯାଏ ସେହି ଘରେ ।

ମା'ର କଣ୍ଠ ସ୍ୱର ଶୁଣିବାକୁ
ମନ ଆଜି ବି ତରସି ଯାଏ,
ବାସ୍ନା ମା' ହାତ ତିଆରି ଖାଦ୍ୟର
ମନ ଆଜିବି ଝୁରି ହୁଏ
ସଞ୍ଜ ହେଲେ ମନେ ପଡେ,
ଘରେ ଗୁଞ୍ଜରିତ ହେଉଥିବା ସେହି ହସର ଶବ୍ଦ ।
ବାପାଙ୍କର କାମରୁ ଘରକୁ ଫେରିବା ମାତ୍ରେ
ଗରମ ଗରମ ଚାହା ପିଆ
ଦିନ ଯାକର ଖବର ଶୁଣେଇବା
ଭାଇର ଖେଳି କୁଦି ଘରକୁ ଫେରିବା,
ସଞ୍ଜ ହେଲେ ମନେ ପଡେ ଘର,
ଯେଉଁଠି ସବୁବେଳେ ଲାଗିଥିଲା
ଅତିଥିଙ୍କର ଯିବା ଆସିବା ।

ମନକୁ ବୁଝାଏ ମୁଁ ନିତି
ଅତି କଷ୍ଟରେ ଚୁପ୍‌ଚାପ୍ ବସି
ସେଦିନ ବିତିଗଲା, ଯାହା ଫେରିବନି କେବେ
ଏବେ ତୁମେ ଜୀଇଁ ଚାଲ ସ୍ୱପ୍ନରେ,
ସେହି କ୍ଷଣକୁ ଯାହା ଫେରିକରି
ଆସିବେନି ଆଉ କେବେ ଜୀବନରେ ।
ଆଜି ମଧ୍ୟ ମା'କୁ ଦେଇଥିବା କଥାର
ନିର୍ବାହ ମୁଁ କରି ଆସୁଛି,
ସମସ୍ତଙ୍କୁ ଖୁସିରେ ରଖିବା ଚେଷ୍ଟାରେ
ମୁଁ ନିତି ଘାଣ୍ଟି ହେଇ ମରୁଛି,
ଆଖିର ଲୁହକୁ ଲୁଚି ଲୁଚି ପିଉଛି
ଆଉ ମା'କୁ ଝୁରି ଜୀବନକୁ ଜୀଉଁଛି ।
କେହି କହିଦିଏ ଟିକିଏ ପ୍ରଭୁଙ୍କୁ
ଯା'ତ ସଞ୍ଜ କେବେ ନଆସୁ
ନହେଲେ ମା'ର ଘରର ସେହି
ଅସହନୀୟ ସ୍ମୃତି ଆଉ ମନରେ ନ ଆସୁ ।
କଷ୍ଟ ହେଲେ ବି ଖୁସି ଅଛି ମୁଁ
ନିଜର ଏହି ନୂଆ ଦୁନିଆରେ
ନମାଗିଲେ ବି ବହୁତ କିଛି ପାଇଛି
ହେଲେ ମା... ମା'କୁ ପାଇନି କେବେ !
ମନରୁ କଣ ସ୍ମୃତି କେହି କାଢି ପାରିଛି ?
ମା'ର ଘରର ସ୍ମୃତିକୁ
କ'ଣ କିଏ କେବେ ଭୁଲି ପାରିଛି ?

*ପ୍ଲଟ୍ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨*



## କୃଷ୍ଣଚୂଡ଼ା

**ରଜନୀ ନାୟକ**



ଡହ ଡହ ଗ୍ରୀଷ୍ମର ଡାଳରେ ଦୋହଲୁଛି କୃଷ୍ଣଚୂଡ଼ା
ପଥ ପ୍ରାନ୍ତ ପ୍ରହରୀ ପରି ପ୍ରଗଲ୍ଭ ଏ କବୀର ପ୍ରାଣ
ନାଲି ନାଲି ଓଠରୁ ତାର ଚିବୁକରୁ ନିତମ୍ବ ଯାଏଁ ଚୁମ୍ବନର ଆସ୍ତରଣ
ଚୋରି ଚୋରି ଚପଳ ନୟନା ଚାରୁବାକି
ଥକ୍କି ପଡ଼ି ଥକ୍କା ମେଣ୍ଟାଉଛି ଥିରି ଥିରି ଦକ୍ଷିଣା ପବନର ସାଥେ ।

ଫି ସାଲ୍ ଫକୀରର ଫୁଙ୍ଗା ଦେହରେ ପ୍ରେମର ଫୁଆରା ତୋଳେ କୃଷ୍ଣଚୂଡ଼ା
ଗମ୍ ଗମ୍ ଝାଳର ଗୋହିରିରେ ଗଡୁଥାଏ ଗହୀରିଆ ସ୍ୱପ୍ନ
ଝଡୁ ଝଡୁ ଝପଟି ଆସି ଫକୀର ଝାଡ଼ି ଦିଏ ଧୂଳି କୃଷ୍ଣଚୂଡ଼ାର ଦେହରୁ
ପ୍ରେମର ପୂର୍ଣ୍ଣତାକୁ ପହଁରି ପହଁରି ପାଇବାକୁ ହୁଏ ବେଳେବେଳେ
ଖାଲି ଗୋଟେ ଖିଆଲି ପଣ ଖରା ବେଳିଆ ଶୂନ୍ ସାନ୍ ରାସ୍ତାରେ କୃଷ୍ଣଚୂଡ଼ା ସହ ଏକାନ୍ତ ହେବାର ।

ସଜ ସଜ ସକାଳରେ ସୁଇପର୍ ସଫା କରେ କୃଷ୍ଣଚୂଡ଼ାର ଓଢ଼ଣା
ତରକି ତରକି ଅନାଉ ଥାଏ ତୋଫା ଜହ୍ନ ପରି କୃଷ୍ଣଚୂଡ଼ାର ମୁହଁକୁ
ଆଗଭଳି ଆଉଜି ପଡିନାହିଁ ସେ ଆକାଶର ଛାତିରେ ଆଜନ୍ମ ବ୍ରହ୍ମଚାରୀ ପରି
ମୁଚୁକୁନ୍ଦ ହସରେ ତାର ମୋହି ନେଉଛି ମନ ମୁକୁଳ ମୁଖର ମୁକ୍ତ ବିହଙ୍ଗିଟି ହୋଇ ।

ରଙ୍ଗ ବେରଙ୍ଗର ପ୍ରଜାପତି ରସିକ ସାଜି ରହି ରହି ରସ ଟାଣୁଛନ୍ତି କୃଷ୍ଣଚୂଡ଼ାର ରସାଳ ଦେହରୁ
ବଢୁଥିବା ବୟସରେ ବାହାନାର ଲେପ ବୋଳି ହୋଇ ବାହାରି ପଡନ୍ତି ବାଟୋଇ କୃଷ୍ଣଚୂଡ଼ାର ଛାଇକୁ
ଶୋଷ କେବେ ସରେନି ସରିଯାଏ ସମୟ ଶୋଇପଡ଼େ କୃଷ୍ଣଚୂଡ଼ା ଶେଷ ସୂର୍ଯ୍ୟକୁ ବିଦାୟ ଦେଇ ।

*ଭୁବନେଶ୍ୱର*

## ମା'

**ଡ. ଚନ୍ଦ୍ରକଳା ନାୟକ**



ସାଗର ପରି ଗଭୀର
ଚର୍ତୁଦିଗେ ପରିବ୍ୟାପ୍ତ ଆକାଶଟିଏ
ଧରିତ୍ରୀ ପରି ସବୁ ସହୁଥିବା
କିଛି ପ୍ରତିକ୍ରିୟା ଦେଉନଥିବା
ସତ୍ତାଟିଏ ସେ ।
ଖରସ୍ରୋତା ପରି ସ୍ରୋତସ୍ୱିନୀ
ସ୍ନେହ, ଯତ୍ନ ଓ ମମତାର
ଆଉ ଶ୍ରଦ୍ଧାର ପ୍ରତିମୂର୍ତ୍ତି
ବିରାଟ ଆତ୍ମାର ଅଭିବ୍ୟକ୍ତି
ସେ କେବଳ ମା ।

ଦୂର ଦିଗବଳୟରୁ ଜହ୍ନ ଦେଖାଇ
ନିଦ ଖୋଜୁଥିବା ଶିଶୁଟିଏ ପାଇଁ
ସୁରକ୍ଷିତ ସ୍ଥାନଟିଏ ସେ ।
ବାପାଙ୍କ କ୍ରୋଧକୁ ଗରଳ ପରି ପିଇ
ପ୍ରଚଣ୍ଡ ରୌଦ୍ରତାପରୁ ନିଜର ଯୌବନକୁ
ହଜାଇ ଦେଇଥିବା କିଶୋରିଟିଏ
ଶାନ୍ତି ଓ ମୈତ୍ରୀର ବାର୍ତ୍ତାକୁ
ବିଂଚି ଦେଉଥିବା ଦେବୀ ପ୍ରତିମା
ସେ କେବଳ ମୋ ମା ।

ନିଜକୁ ତିଳ ତିଳ କରି ପ୍ରତି ମୁହୂର୍ତ୍ତରେ
ଜଳି ଯାଉଥିବା ଓ ଅନ୍ୟକୁ
ଆଲୋକ ଦେଖାଉଥିବା
ସବୁ ଭୁଲି ସମସ୍ତେ ସୁଖରେ ରୁହନ୍ତୁ
ଏଭଳି ମଙ୍ଗଳ କାମନା କରୁଥିବା
ବିଶ୍ୱ ମାତୃତ୍ୱଟିଏ ସେ
ହିମାଳୟ ପରି ଦମ୍ଭ ଧରି ଅନବରତ
ପ୍ରୟାସ ରଖୁଥିବା ନିରୀହ ପ୍ରାଣଟିଏ
କେବଳ ମା ।

ସମସ୍ୟା ତେଲ କଡେଇରେ
ଟକ ଟକ ଫୁଟୁଥିବା ବେଳେ
ଫୋନଟିଏ କରେ, ପଚାରେ
ମୋ ପିଲା ଭଲରେ ଅଛନ୍ତି ତ
ସେମାନଙ୍କ ଦେହ ଭଲ ଅଛି ତ ?
ସବୁ ଦାୟିତ୍ୱର ତାଲା ଯେପରି ତା ମୁଣ୍ଡରେ
କାହାକୁ ଅଜସ୍ର ଭରସା
ପୁଣି କାହା ପାଇଁ ବିଶ୍ୱାସର ମେଘନାଦ ପାଚେରୀ ।
ପିଲାଙ୍କ ଭିତରେ ଥିବା କୁଢ କୁଢ ଅଳିଆ
ଆବର୍ଜନାକୁ ଝାଡିଦିଏ ଗୋଟି ମୁହୂର୍ତ୍ତକରେ
ସବୁ ଦେଇ ସଜାଡି ନିଏ ନିଜକୁ
ଦେବାରେ ଏତେ ଯେ ଆନନ୍ଦ
ବୁଝିବା ଭାରି ମୁସ୍କିଲ ହୁଏ
ଏ ଉତ୍ତର କେବଳ ସେ ହିଁ ବୁଝେ ।
ସଂସାରରେ ପିଲାଗୁଡା କେତେ ଅସହାୟ ବୋକା
ହତାଶ ଓ ସଙ୍କୀର୍ଣ୍ଣମନା
ସବୁ ଥାଇ ହାତ ପାହାନ୍ତାରେ
ଗୋଟାଇ ପାରୁ ନାହାନ୍ତି ନିଜର ବଡପଣକୁ ।
ହେଲେ ମାଆଟିଏ ସବୁ ଦେଇ ଦେଇ
ପାଇଯିବାର ଆନନ୍ଦ
ତା ପାଇଁ ଚିରନ୍ତନୀ ଆବେଗର ଉତ୍ସ
ସବୁ ପ୍ରାପ୍ତି ଭିତରେ ଚରମ ତୃପ୍ତିଟିଏ
ସେଥିପାଇଁ ଏ ସଂସାରରେ
ସିଏ ଏକ ବିଶାଳ ହୃଦୟ
ଯାହାର ନାଁ ମାଆ ।

*ଅଧାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,*
*ଛତିଆ, ଯାଜପୁର*
*ମୋ-୯୪୩୭୯୫୭୬୧୭*

## ଡାକ ବାଲା ଦେଲାରେ ... ଚିଠି... ବେରିଙ୍ଗ ... ବେରିଙ୍ଗ



**କବିତା ମହାନ୍ତି**

ଅବସର ପରେ ହାତରେ ଅନେକ ସମୟ ଅଛି । ଅଫିସ୍ ଦୌଡିବାର ଚିନ୍ତା ନାହିଁ । ଧିରେ ସୁସ୍ଥେ ସମୟ କାଟିଲା ବେଳେ ପୁରୁଣା ଦିନ ସବୁ ଆଖି ଆଗରେ ନାଚି ଯାଏ । ବହୁତ୍ ଦିନ ତଳ କଥା । ବାପା ସାମରିକ ବାହିନୀରେ ଚାକିରୀ କରିଥିବାରୁ ଦେଶର ବିଭିନ୍ନ ଜାଗାରେ ପୋଷ୍ଟିଙ୍ଗ ହୋଇଥାଏ । ତେଣୁ ବାପା ବର୍ଷକୁ ଥରେ ଦୁଇ ମାସ ଛୁଟି ନେଇ ଆସିଲା ବେଳେ ଅନେକ କିଛି ଜିନିଷ ନେଇଆସନ୍ତି । ଭଲ ଭଲ ସାବୁନ୍, ତେଲ, ପାଉଡର ଏବଂ ଅନେକ କିଛି ଜିନିଷ । ସେ ଭିତରେ ଥିଲା ଦୁଇଟି କ୍ୟାଲେଣ୍ଡର । ସେ କ୍ୟାଲେଣ୍ଡର ଦୁଇଟି ସିନେମା ଜଗତର ତାରକା ଆଶା ପରେଖ ଓ ମାଲା ସିହ୍ନା ଯିଏ କି ଲକ୍ସ ସାବୁନ୍‌ର ଆଡଭର୍ଟେଜ୍‌ମେଣ୍ଟ କରୁଥାନ୍ତି । ଆମ ଘର ମାଟି କାନ୍ଥରେ ସେ ଦୁଇଟି ଯାକ କ୍ୟାଲେଣ୍ଡର ଅନେକ ଦିନ ଧରି ଟଙ୍ଗା ହୋଇଥାଏ । ବର୍ଷ ପରେ ବର୍ଷ ଗଡିଯାଇଥାଏ । ହେଲେ କ୍ୟାଲେଣ୍ଡର ସେମିତି ଥାଏ ।

ମୁଁ ବୋଧ ହୁଏ ସେତେ ବେଳକୁ ନବମ ଶ୍ରେଣୀରେ ପଢୁଥାଏ । ମୋ ଆଖିରେ ଦୁନିଆର ସବୁଠୁ ସୁନ୍ଦରୀ ସେଇ ଦୁଇଟି କ୍ୟାଲେଣ୍ଡର ହିଁ ଥାଆନ୍ତି । ଏମିତି ସମୟରେ ଗାଁରେ ଦାସ ସାହିରେ ଜଣେ ଭାଇଙ୍କ ବାହାଘର ହୋଇଥାଏ । ସେ ଭାଇଙ୍କ ବାପା ଆମ ଜମି ଚାଷ କରୁଥାଆନ୍ତି । ତାଙ୍କ ବଡ ପୁଅ ରଘୁ ଭାଇ କଲିକତା ଝୋଟ କଳରେ କାମ କରୁଥାଆନ୍ତି । ଅତି ସାଧାରଣ ଓ ଦେଖିବାକୁ ବି ସେତେ ଭଲ ନଥାନ୍ତି ସେ ଭାଇ । ଏଇ ସମୟରେ ତାଙ୍କର ବାହାଘର ହେଲା । ବାଜା ରୋଷଣୀ ନକରି, ଅଭାବି ଘରୁ ଝିଅ ସେମିତି ସବାରିରେ ନେଇ ଆସୁଥିଲେ । ପୁଅ ଘର ଭୋଜି ଭାତ କରି ଗ୍ରାମବାସୀଙ୍କୁ ଖାଇବାକୁ ଦେଉଥିଲେ । ଏମିତି ଝିଅକୁ ଆଣି ବାହା ଦେବାକୁ କହୁଥିଲେ 'ସେ ପରା ତୋଳା କନିଆ' ହୋଇ ଆସିଛି । ଦାସ ଘର ତାଙ୍କ ଭୋଜିକୁ ଆମକୁ ନିମନ୍ତ୍ରଣ ଦେଇଥାଆନ୍ତି । ଆମେ ମହାନ୍ତି ସାହିରୁ ଦୁଇ ତିନି ଜଣ ସାଙ୍ଗ ଚାଲିଗଲୁ ସେ ଭାଉଜଙ୍କୁ ଦେଖିବାକୁ । କି ଅପୂର୍ବ ଥିଲା ତାଙ୍କ ରୂପ !! ଠିକ୍ ଯେମିତି ଆମ ଘର କାନ୍ଥରେ ଟଙ୍ଗା ହୋଇଥିବା ସେ ସିନେ ତାରକା କ୍ୟାଲେଣ୍ଡର ଭଳି । ଆଖି, ନାକ, ଓଠ ଯାହାକୁ ଗଢଣ ବୋଲି କୁହନ୍ତି, ସେଥିରେ କିଛି ବାରିବାର ନାହିଁ । ଦେହର ରଙ୍ଗ ହଳଦୀ ଗଣ୍ଠି ପରି । ତନୁ ପାତେଳି ଚେହେରାକୁ ପାଦରେ ଅଳତା, ସିନ୍ଥାରେ ଲାଲ ଚହ ଚହ ସିନ୍ଦୁର, ମଥାରେ କୁମ୍‌କୁମ୍ ବିନ୍ଦି । ଲାଲ ଲାଲ ପାନ ଖିଆ ଓଠ, ତା ସାଙ୍ଗକୁ ଧାରେ ହସ ଓଠରେ ଲାଖି ରହିଥାଏ । ଆମେ ତିନି ସାଙ୍ଗ ସ୍ତବ୍ଧ ହୋଇଗଲୁ । ଆମ ମହାନ୍ତି ସାହିରେ ବି ଏତେ ସୁନ୍ଦରୀ ବୋହୂ କେବେ ଆସିନାହାଁନ୍ତି । ତାଙ୍କ ବାହାଘର ଭୋଜି ସରିଗଲା । ସେ ଭାଇ ମଧ୍ୟ ଚାକିରି ଜାଗାକୁ ଫେରି ଗଲେ ।

ଭାଉଜଙ୍କ ନାଁ ଥିଲା ଲତା ଭାଉଜ । ତାଙ୍କ ସୌନ୍ଦର୍ଯ୍ୟକୁ ପରଖିବା ପାଇଁ ଆମେ ତିନି ସାଙ୍ଗ କେବେ କେବେ ତାଙ୍କ ଘରକୁ ଯାଉଥିଲୁ । ସେ ବି ଖୁସି ହେଉଥିଲେ । ଅଳ୍ପ କିଛି ପାଠ ପଢ଼ିଥିଲେ ସେ ।

ବାପା ମୋର ବାହାରେ ଥିବାରୁ ତାଙ୍କ ଚିଠିକୁ ଅପେକ୍ଷା କରି ମୁଁ ଅନେକ ସମୟରେ ଡାକ ଘର ଯାଉଥିଲି । ସାଙ୍ଗମାନଙ୍କୁ ସାଙ୍ଗରେ ନେଇ ଯାଏ । ଭାରି ଭଲ ଥିଲା ସତରେ ସେ ଦିନ ଗୁଡ଼ାକ ।

ଏମିତି ଦିନେ ଲତା ଭାଉଜ ମୋତେ ଡକାଇଲେ । ମୋ ହାତରେ ଏକ ଚିଠି ଗୁଞ୍ଜି ଦେଇ କହିଲେ ଡାକ ବାକ୍ସରେ ପକାଇ ଦେବାକୁ । ଲଫାପାରେ ଡାକ ଟିକଟ ଲାଗିନଥିଲା । ବୋଉ ବାପାଙ୍କ ପାଖକୁ ଦେଉଥିବା ଚିଠି ମୁଁ ଦେଖିଥିଲି । ଲଫାପା କିମ୍ବା ଇଂଲାଣ୍ଡ ଲେଟ୍‌ରରେ ଚିଠି ଯାଉଥିଲା । କିନ୍ତୁ ଲତା ଭାଉଜଙ୍କ ସାଦା ଲଫାପା ଯେଉଁଥିରେ ଡାକ ଟିକଟ ଲାଗିନଥିବା ଦେଖି ମୁଁ ପଚାରିଥିଲି 'ଭାଉଜ ଏଇ ଚିଠି କେମିତି ବିନା ଡାକ ଟିକଟରେ ଭାଇଙ୍କ ପାଖେ ପହଞ୍ଚିବ । ସେ ଖାଲି ହସି ଦେଉଥିଲେ । କହୁଥିଲେ, ତମେ ଡାକ ବାକ୍ସରେ ପକାଇ ଦିଅ, ଭାଇ ପାଇଯିବେ ।

ପୁଣି କିଛି ଦିନ ପରେ ଡାକ ପିଅନ ଆମ ଘରେ ବାପାଙ୍କ ଇଁଶୋର୍ଡ ଟଙ୍କା ବୋଉ ହାତକୁ ଦେଇ ଦାସ ସାହି ଆଡେ ଯାଉଥିଲେ । ଆଉ କହୁଥିଲେ ଦାସ ଘର ଚିଠି ବେରିଂ ଆସିଛି । ସେ ଭିତରେ ମୁଁ ବେରିଙ୍ଗ ଚିଠି କଣ ବୋଲି ବୁଝିବାକୁ ଚେଷ୍ଟା କଲି । ତାହା ଥିଲା ଯେ ଚିଠିର ଗ୍ରାହକ ଡାକ ଟିକଟର ଦି ଗୁଣା ପଇସା ଦେଇ ଚିଠିକୁ ଗ୍ରହଣ କରିବେ । ଅର୍ଥାତ୍ ଚିଠି ଆଉ କାହା ହାତକୁ ଯାଇପାରିବନି ।

ଏମିତି ଅନେକ ଦିନ ଧରି ଲତା ଭାଉଜଙ୍କ ବିନା ଡାକ ଟିକଟର ଚିଠି ନେଇ ମୁଁ ଡାକ ବାକ୍ସରେ ପକାଇ ଆସୁଥିଲି । ଡାକ ପିଅନ ବେରିଙ୍ଗ ଚିଠି ଆଣି ଭାଉଜଙ୍କୁ ଦେଉଥିଲା । ଡବଲ ଡାକ ଟିକଟ ମାଧ୍ୟମରେ ସରକାରଙ୍କ ଆୟ ବଢୁଥିଲା ଯାହା ମୁଁ ଏବେ ବୁଝୁଚି ।

କିନ୍ତୁ ସେଇ ଦିନ ଗୁଡିକରେ ମୁଁ ଲତା ଭାଉଜଙ୍କର ତାଙ୍କ ସ୍ୱାମୀଙ୍କ ପ୍ରତି ଭଲ ପାଇବା ସେଇ ବେରିଙ୍ଗ ଚିଠି ଭିତରେ ଦେଖୁଥିଲି । ତାଙ୍କ ଲାଜୁଆ ହସ ଯେମିତି ସେଇ ବେରିଙ୍ଗ ଚିଠି ଭିତରେ ମୁଦା ହୋଇଯାଉଥିଲା । ଆଉ ସେ ସମୟରେ ମାଇକ୍‌ରେ ବାଜୁଥିବା ଗୀତ 'ଅକ୍ଷୟ ମହାନ୍ତିଙ୍କ ଲୋକ ପ୍ରିୟ ଗୀତ–

'ସକାଳ ର ଗାଡ଼ି
ଗଲା ଗଡି ଗଡି
କଳା ଧୂଆଁ ଛାଡ଼ି
ଡାକ ବାଲା ଦେଲାରେ ଚିଠି
ବେରିଙ୍ଗ, ବେରିଙ୍ଗ, ବେରିଙ୍ଗ
ମନ ସକ ସକ
ଆସିବ କି ଡାକ...

ଆହୁରି ଶ୍ରୁତି ମଧୁର ହେଉଥିଲା । ପ୍ରକୃତରେ ଆମ ସମସ୍ତଙ୍କ ପ୍ରିୟ ଖୋକା ଭାଇ ସଚା କଟକିଆ ଥିଲେ । କଟକର ସାହି ସାହି ଗଳି ଗଳିର ଭିତିରି କଥାକୁ ସେ ତାଙ୍କ ଗୀତ, ଗପରେ ସ୍ଥାନ ଦେଇଥିଲେ । ସେଥିରୁ ଆମ ରଘୁ ଭାଇ, ଲତା ଭାଉଜ ବାଦ୍ ପଡ଼ିବେ କେମିତି !

*ଶୈଳ ନିବାସ, ନିଗମାନନ୍ଦ ନଗର, ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*





# ଟି-୨୦ ଅଧିନାୟକ ପଦରୁ ବିଦା ହେବେ ସୂର୍ଯ୍ୟକୁମାର : ଶ୍ରେୟସଙ୍କୁ ମିଳିପାରେ ଦାୟିତ୍ୱ



**ନୂଆଦିଲ୍ଲୀ**

୨୦୨୬ ଆଇପିଏଲ ସିଜିନ ଶେଷ ହେବା ପରେ ଅନ୍ତର୍ଜାତୀୟ କ୍ରିକେଟ ପୁଣି ଥରେ ଆରମ୍ଭ ହେବା ସହିତ ଟିମ୍ ଇଣ୍ଡିଆରେ ବଡ଼ ପରିବର୍ତ୍ତନ ହୋଇପାରେ। କିଛି ସପ୍ତାହ ପୂର୍ବରୁ ଭାରତୀୟ ଦଳକୁ ଟି-୨୦ ବିଶ୍ୱକପ ବିଜୟୀ କରାଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ତାଙ୍କ ଦାୟିତ୍ୱରୁ ହଟାଇ ଦିଆଯାଇପାରେ। ଦୀର୍ଘ ଦିନ ଧରି ଫର୍ମରେ ନ ଥିବାରୁ ସୂର୍ଯ୍ୟକୁମାରଙ୍କୁ ଟି-୨୦ ଅଧିନାୟକ ପଦରୁ ହଟାଇବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି।

ଚୟନ କମିଟି ବର୍ତ୍ତମାନର ଭାରତୀୟ ଅଧିନାୟକଙ୍କ ପ୍ରଦର୍ଶନକୁ ନେଇ ଚିନ୍ତିତ ଏବଂ ଫଳସ୍ୱରୂପ ତାଙ୍କଠାରୁ ନେତୃତ୍ୱ ଦାୟିତ୍ୱ ଛଡ଼ାଇ ନିଆଯାଇପାରେ। ତାଙ୍କ ସ୍ଥାନରେ ଷ୍ଟାର ବ୍ୟାଟ୍ସମ୍ୟାନ ଶ୍ରେୟସ ଆୟରଙ୍କୁ ନୂତନ ଅଧିନାୟକ ଭାବରେ ନିଯୁକ୍ତ କରାଯିବାର ସମ୍ଭାବନା ରହିଛି।

ଅଜିତ ଅଗରକରଙ୍କ ନେତୃତ୍ୱରେ ସିନିୟର ପୁରୁଷ ଚୟନ କମିଟି, ଟିମ୍ ଇଣ୍ଡିଆର ଆଗାମୀ ସିରିଜ୍ ପାଇଁ ଦଳ ଚୟନ ପ୍ରକ୍ରିୟା ସମୟରେ ଅଧିନାୟକତ୍ୱରେ ପରିବର୍ତ୍ତନ ଘୋଷଣା କରିପାରେ। ଟିମ୍ ଇଣ୍ଡିଆର ପରବର୍ତ୍ତୀ ଟି-୨୦ କାର୍ଯ୍ୟ ଆୟରଲାଣ୍ଡ ବିପକ୍ଷରେ ଏକ ଗସ୍ତ ଯାହା ପାଇଁ ଭାରତୀୟ ଦଳ ଦେଶକୁ ଯାତ୍ରା କରିବ। ଏହି ସିରିଜ ଜୁନ ମାସର ଶେଷ ସପ୍ତାହରେ ଖେଳାଯିବାକୁ ସ୍ଥିର ହୋଇଛି ଏବଂ ଏହି ସିରିଜ ମଧ୍ୟରେ ସୂର୍ଯ୍ୟକୁମାର ଯାଦବଙ୍କୁ ତାଙ୍କ ଅଧିନାୟକତ୍ୱ ଦାୟିତ୍ୱରୁ ମୁକ୍ତ କରାଯାଇପାରେ।

ଚୟନକର୍ତ୍ତାମାନେ ବର୍ତ୍ତମାନର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟିଂ ପ୍ରଦର୍ଶନରେ ଗଭୀର ନିରାଶ। ଫଳସ୍ୱରୂପ ନେତୃତ୍ୱ ପରିବର୍ତ୍ତନ ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ଏହାର ଲକ୍ଷ୍ୟ ହେଉଛି ଦଳରେ ନୂତନ ଶକ୍ତି ପ୍ରବେଶ କରିବା ଏବଂ ୨୦୨୮ ଟି-୨୦ ବିଶ୍ୱକପ ଏବଂ ଅଲିମ୍ପିକ ଗେମ୍ସ ପୂର୍ବରୁ ଟିମ୍ ଇଣ୍ଡିଆର ସମ୍ଭାବନାକୁ ମଜଭୁତ କରିବା। ଏହି ଲକ୍ଷ୍ୟରେ ଷ୍ଟାର ବ୍ୟାଟ୍ସମ୍ୟାନ ଶ୍ରେୟସ ଆୟର କେବଳ ଟି-୨୦ ଦଳକୁ ଫେରିବେ ବୋଲି ଆଶା କରାଯାଉଛି ନାହିଁ ବରଂ ତାଙ୍କୁ ଅଧିନାୟକ ଭାବରେ ନିଯୁକ୍ତ କରାଯିବାର ମଧ୍ୟ ଏକ ଦୃଢ଼ ସମ୍ଭାବନା ଅଛି।

ଆୟର ଆଇପିଏଲରେ ଅଧିନାୟକ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ ରାଇଡର୍ସ ଏବଂ ବର୍ତ୍ତମାନ ପଞ୍ଜାବ କିଙ୍ଗସର ନେତୃତ୍ୱ ନେଉଛନ୍ତି। ତାଙ୍କର ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ ଜାତୀୟ ଦଳକୁ ଫେରିବା ପାଇଁ ଆହୁରି ମଜଭୁତ କରିଛି। ୨୦୨୩ ମସିହାରୁ ଆୟର ଭାରତୀୟ ଟି୨୦ ଦଳରୁ ବାହାରେ ଅଛନ୍ତି। ସେବେଠାରୁ ସେ କେକେଆରକୁ ଆଇପିଏଲ ଟାଇଟଲ ବିଜୟ ପାଇଁ ନେତୃତ୍ୱ ଦେଇଥିଲେ ଏବଂ ପଞ୍ଜାବ କିଙ୍ଗସକୁ ଫାଇନାଲରେ ମଧ୍ୟ ପହଞ୍ଚାଇଥିଲେ।

୨୦୨୪ ଟି୨୦ ବିଶ୍ୱକପରେ ଭାରତର ଟାଇଟଲ ବିଜୟ ପରେ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିଲା, କାରଣ ତତ୍କାଳୀନ ଅଧିନାୟକ ରୋହିତ ଶର୍ମା ଫର୍ମାଟରୁ ଅବସର ନେଇଥିଲେ। ସେବେଠାରୁ ସୂର୍ଯ୍ୟଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ନିରନ୍ତର ଭଲ ପ୍ରଦର୍ଶନ କରିଛି ଏବଂ ସଫଳତାର ସହିତ ଏହାର ଟି୨୦ ବିଶ୍ୱକପ ଟାଇଟଲକୁ ରକ୍ଷା କରିଛି। ଏହି ସମୟ ମଧ୍ୟରେ, ସୂର୍ଯ୍ୟ ଅଧିନାୟକ ଭାବରେ ୭୬.୯୨% ବିଜୟ ପ୍ରତିଶତ ବଜାୟ ରଖିଛନ୍ତି – ସମସ୍ତ ଭାରତୀୟ ଅଧିନାୟକଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ରେକର୍ଡ।

ଅଧିନାୟକତ୍ୱ ଗ୍ରହଣ କରିବା ପରଠାରୁ ତାଙ୍କର ବ୍ୟାଟିଂ ଫର୍ମ କ୍ରମାଗତ ଭାବରେ ହ୍ରାସ ପାଇଛି। ଜୁଲାଇ ୨୦୨୪ରେ ପୂର୍ଣ୍ଣକାଳୀନ ଅଧିନାୟକ ହେବା ପରଠାରୁ ସୂର୍ଯ୍ୟ ୪୨ ଇନିଂସରେ ମାତ୍ର ୯୩୨ ରନ କରିଛନ୍ତି, ଯାହା ମାତ୍ର ୬ଟି ଅର୍ଦ୍ଧଶତକ ସାମିଲ ଅଛି। ଏହି ସମୟ ମଧ୍ୟରେ ସେ ଚାରି ଥର ତାଙ୍କର ଖାତା ଖୋଲିବାରେ ବିଫଳ ହୋଇଥିଲେ। ତାଙ୍କର ବ୍ୟାଟିଂ ହାର ମାତ୍ର ୨୫.୮୮। ତାଙ୍କର ଷ୍ଟ୍ରାଇକ୍ ରେଟ୍ ମାତ୍ର ୧୫୨। ଏହା ବ୍ୟତୀତ ୨୦୨୫ ସିଜନ୍‌ରେ, ସେ ସମ୍ପୂର୍ଣ୍ଣ ବର୍ଷ ମଧ୍ୟରେ ଗୋଟିଏ ବି ଅର୍ଦ୍ଧଶତକ କରିପାରି ନ ଥିଲେ, ୧୩ ହାରରେ ମାତ୍ର ୨୧୮ ରନ ସଂଗ୍ରହ କରିପାରିଥିଲେ।

## ବାପା ହେଲେ ଟି-ଟ୍ୱେଣ୍ଟି ଦଳର ଅଧିନାୟକ ସୂର୍ଯ୍ୟକୁମାର



**ନୂଆଦିଲ୍ଲୀ**

ସ୍କାଏଙ୍କ ଘରକୁ ଆସିଲା ଖୁସି ଖବର। ଭାରତୀୟ ଟି-୨୦ ଅଧିନାୟକ ତଥା ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ବ୍ୟାଟର ସୂର୍ଯ୍ୟ କୁମାର ଯାଦବ ବାପା ହୋଇଛନ୍ତି। ପତ୍ନୀ ଦେବୀଶା ସେଟ୍ଟି ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଦେବୀଶାଙ୍କ ବେବି ସାୱାର ମାର୍ଚ୍ଚ ମାସରେ ଅନୁଷ୍ଠିତ ହୋଇଥିଲା, ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପ୍ରଶଂସକମାନେ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ସୂର୍ଯ୍ୟକୁମାର ବର୍ତ୍ତମାନ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଛନ୍ତି। ରବିବାର ରାୟପୁରରେ ମୁମ୍ବାଇ ଇଣ୍ଡିଆନ୍ସ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସହିତ ଖେଳିବ। ସୂର୍ଯ୍ୟକୁମାର ଏହି ମ୍ୟାଚ୍ ଖେଳିବା ପାଇଁ ଉପଲବ୍ଧ ହେବେ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ୩୫ ବର୍ଷୀୟ ସୂର୍ଯ୍ୟକୁମାର ଯାଦବ ୨୦୧୬ରେ ଦେବୀଶା ଶେଟ୍ଟୀଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ପ୍ରେମ କାହାଣୀ ସେମାନଙ୍କ କଲେଜ ସମୟରେ ଆରମ୍ଭ ହୋଇଥିଲା। ଏକ ନୃତ୍ୟ ପ୍ରଦର୍ଶନ ସମୟରେ ଦେବୀଶାଙ୍କ ପ୍ରତିଭା ଦେଖି ସୂର୍ଯ୍ୟକୁମାର ତାଙ୍କ ପ୍ରେମରେ ପଡ଼ିଯାଇଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଭାରତ ଚଳିତ ବର୍ଷ ମାର୍ଚ୍ଚରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଟି-୨୦ ବିଶ୍ୱକପ୍ ଜିତିଥିଲା। ସୂର୍ଯ୍ୟକୁମାର କିଛି ସମୟ ଧରି ଭାରତୀୟ ଟି-୨୦ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଆସିଛନ୍ତି। ବିବାହର ୧୦ ବର୍ଷ ପରେ ବାପାମାଆ ହୋଇଛନ୍ତି ସୂର୍ଯ୍ୟକୁମାର ଏବଂ ଦେବିଶା।

ସୂର୍ଯ୍ୟକୁମାର ଯାଦବ ସମ୍ପ୍ରତି ତାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସଙ୍କୁ ଲକ୍ଷ୍ନୌ ବିପକ୍ଷରେ ବିଜୟୀ କରାଇଥିଲେ। ଲକ୍ଷ୍ନୌ ବିପକ୍ଷ ମ୍ୟାଚରେ ଦଳର ନିୟମିତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଆଘାତ ଯୋଗୁଁ ଖେଳି ନଥିଲେ ଏବଂ ତାଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଅଧିନାୟକତ୍ୱ କରିଥିଲେ। ସୂର୍ଯ୍ୟକୁମାରଙ୍କ ଅଧିନାୟକତ୍ୱ ମୁମ୍ବାଇ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ଦଳ କ୍ରମାଗତ ତିନୋଟି ପରାଜୟ ପରେ ବିଜୟ ସ୍ୱାଦ ଚାଖିଥିଲା। ମେ' ୧୦ରେ ରାୟପୁରରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ମୁମ୍ବାଇର ମ୍ୟାଚ୍ ରହିଛି। ହୁଏତ ଏହି ମ୍ୟାଚ ସୂର୍ଯ୍ୟକୁମାର ଖେଳିନପାରନ୍ତି।

## ରାଜ୍ୟ ବରିଷ୍ଠ ପୁରୁଷ ହକି: ଫାଇନାଲରେ ରାଉରକେଲା କ୍ରୀଡ଼ା ଛାତ୍ରାବାସ ଓ ଦେବଗଡ଼



**ରାଉରକେଲା**

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତାରେ ରାଉରକେଲା କ୍ରୀଡ଼ା ଛାତ୍ରାବାସ ଓ ଦେବଗଡ଼ ଫାଇନାଲ ପ୍ରବେଶ କରିଛନ୍ତି। ଶନିବାର ସନ୍ଧ୍ୟାରେ ଉଭୟ ଦଳ ଫାଇନାଲରେ ମୁହାଁମୁହିଁ ହେବେ। ଶୁକ୍ରବାର ସନ୍ଧ୍ୟାରେ ରାଉରକେଲା କ୍ରୀଡ଼ା ଛାତ୍ରାବାସ ଓ ଭୁବନେଶ୍ୱର ହକି ଆସୋସିଏସନ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚ୍‌ର ୧୧ତମ ମିନିଟ୍‌ରେ ଭୁବନେଶ୍ୱର ହକି ଆସୋସିଏସନ୍‌ର କରନ ଲାକ୍ରା ପ୍ରଥମ ଗୋଲ୍ ଦେଇ ଦଳକୁ ୧-୦ ଗୋଲରେ ଆଗୁଆ କରିବାର ଦୁଇ ମିନିଟ୍‌ପରେ, କ୍ରୀଡ଼ା ଛାତ୍ରାବାସର ଅଧିନାୟକ ଅଜୟ ଏକ୍କା ଗୋଲ୍ ପରିଶୋଧ କରି ସ୍କୋରକୁ ୧-୧ ଗୋଲ୍‌ରେ ବରାବର କରିଥିଲେ। ତେବେ ୧୬ତମ ମିନିଟ୍‌ରେ ଭୁବନେଶ୍ୱରକୁ ଏକ ପେନାଲ୍‌ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। ଏହାକୁ ଦୀପକ ଗୋଲ୍‌ରେ ପରିଣତକରି ସ୍କୋରକୁ ୨-୧ ଗୋଲ୍‌ରେ ପହଞ୍ଚାଇଥିଲେ। କିନ୍ତୁ ୪୦ତମ ମିନିଟ୍‌ରେ କ୍ରୀଡ଼ା ଛାତ୍ରାବାସର ଆକାଶ ସୋରେଙ୍ଗ ଗୋଲ୍ ଦେଇ ସ୍କୋରକୁ ୨-୨ ଗୋଲ୍ କରିଥିଲେ। ୫୯ତମ ମିନିଟ୍‌ରେ ଅଧିନାୟକ ଅଜୟ ଆଉ ଏକ ଗୋଲ୍ ଦେଇ ବ୍ୟବଧାନକୁ ୩-୨ ଗୋଲ୍ ନେବାସହ ଦଳକୁ ବିଜୟ ଭେଟି ଦେଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ ଦେବଗଡ଼ ୩-୧ ଗୋଲ୍‌ରେ ଓଡ଼ିଶା ପୁଲିସକୁ ପରାସ୍ତକରି ଫାଇନାଲ ସ୍ଥାନ ସୁରକ୍ଷିତ କରିଛି। ଦେବଗଡ଼ ପକ୍ଷରୁ ରାଜେନ୍ଦ୍ର ଓରାମ ୨ଟି ଗୋଲ୍ (୧୫ ଓ ୪୩ ମିନିଟ୍) ଦେଇଥିବାବେଳେ ରଜତ ମିଞ୍ଜ ଗୋଟିଏ ଗୋଲ୍ ଦେଇଥିଲେ। ଓଡ଼ିଶା ପୁଲିସର ରୋହିତ ସିଂହ ଗୋଟିଏ ମାତ୍ର ଗୋଲ୍ (୩୦ ମିନିଟ୍) ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ସେମିଫାଇନାଲ ମ୍ୟାଚ୍‌କୁ ବେଲାସ ବାରା, ଅଜିତ ଏକ୍କା, ଅଭିଷେକ ପ୍ରଶାନ୍ତ ତିର୍କି ଓ ସୂରଜ କେର୍କେଟା ପରିଚାଳନା କରିଥିଲେ।

## ଆଇପିଏଲରେ ହନିଟ୍ରାପ୍ ବିପଦ

# ଫ୍ରାଞ୍ଚାଇଜ୍ ଏବଂ ଖେଳାଳିଙ୍କୁ ବିସିସିଆଇର ଚେତାବନୀ



**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୬ ଭିତରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ବା ବିସିସିଆଇ ବଡ଼ ଓ କଠିନ ପଦକ୍ଷେପ ଗ୍ରହଣ କରିଛି। ଲଗାତାର ସାମ୍ନାକୁ ଆସୁଥିବା ବିବାଦ, ପ୍ରୋଟୋକଲ୍ ଉଲ୍ଲଂଘନ ଓ ଖେଳାଳିଙ୍କ ସହିତ ଅଣ-ଅଧିକୃତ ଲୋକ ବଢୁଥିବା ଉପସ୍ଥିତି ପରେ ବିସିସିଆଇ ସବୁ ୧୦ ଫ୍ରାଞ୍ଚାଇଜଙ୍କୁ ନୂଆ ଆଡ୍‌ଭାଇଜରୀ ପଠାଇ ଦେଇଛି।

ବିସିସିଆଇ ସଚିବ ଦେବଜିତ ସାଇକିଆଙ୍କ ଦ୍ୱାରା ଜାରି କରାଯାଇଥିବା ୮ ପୃଷ୍ଠାର ପରାମର୍ଶ ଦାତା ଖେଳାଳି, ସହାୟକ କର୍ମଚାରୀ, ଦଳ ମାଲିକ, ହୋଟେଲ ପରିଦର୍ଶନ ଏବଂ ଡ୍ରେସିଂ ରୁମ୍ ପ୍ରବେଶ ସମ୍ପର୍କରେ କଠୋର ନିର୍ଦ୍ଦେଶାବଳୀ ବା ଗାଇଡ୍‌ଲାଇନ୍ ରହିଛି। ବୋର୍ଡ ସ୍ପଷ୍ଟ ଭାବରେ ସୂଚିତ କରିଛି ଯେ ଆଇପିଏଲରେ ଶୃଙ୍ଖଳା ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ କୌଣସି ଶିଥିଳତା ରହିବ ନାହିଁ। ଖେଳାଳି ଏବଂ ସର୍ପୋଟ ଷ୍ଟାଫ୍ ହୋଟେଲ ରୁମ୍‌ରେ ଅନଧିକୃତ ବ୍ୟକ୍ତିଙ୍କ ପ୍ରବେଶ ସମ୍ପର୍କରେ ବିସିସିଆଇ ସବୁଠାରୁ ଅଧିକ ଚିନ୍ତା ପ୍ରକାଶ କରିଛି।

ଏବେ କୌଣସି ବ୍ୟକ୍ତି, କିମ୍ବା ଖେଳାଳିଙ୍କ ସମ୍ପର୍କୀୟ ହୋଇଥିଲେ ବି ବିନା ଲିଖିତ ଅନୁମତିରେ ହୋଟେଲ ରୁମ୍‌କୁ ଯାଇପାରିବେନି। ଅତିଥି କେବଳ ହୋଟେଲ ଲବି କିମ୍ବା ପବ୍ଲିକ ଏରିଆରେ ଭେଟିପାରିବେ। ଟିମ୍ ମ୍ୟାନେଜରଙ୍କ ମଞ୍ଜୁରୀ ବିନା କାହାକୁ ବି ବ୍ୟକ୍ତିଗତ ରୁମ୍ ପର୍ଯ୍ୟନ୍ତ ପହଞ୍ଚିବାର ଅନୁମତି ମିଳିବନି। ବିସିସିଆଇ ଏହାକୁ ସିଧା ସଳଖ ଭାବରେ ସୁରକ୍ଷା ଓ ଆଣ୍ଟି କରପସନ୍ ସମ୍ପର୍କିତ ବଡ଼ ବିପଦ ବୋଲି କହିଛି।

ଏହି ଆଡଭାଇଜରୀ ସବୁଠାରୁ ଆଶ୍ଚର୍ଯ୍ୟଜନକ ଦିଗ ହେଉଛି ଯେ ବିସିସିଆଇ ପ୍ରଥମ ଥର ପାଇଁ 'ହନି ଟ୍ରାପ୍' ବିପଦ ବିଷୟରେ ଉଲ୍ଲେଖ କରିଛି। ବୋର୍ଡ କହିଛି ଯେ ହାଇ-ପ୍ରୋଫାଇଲ୍ ଟୁର୍ଣ୍ଣାମେଣ୍ଟ ସମୟରେ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ଟାର୍ଗେଟ କରାଯାଇପାରେ, ଯାହା ଫଳରେ ଗମ୍ଭୀର ଆଇନଗତ ଏବଂ ସୁରକ୍ଷା ଚିନ୍ତା ସୃଷ୍ଟି ହୋଇପାରେ। ତେଣୁ ଫ୍ରାଞ୍ଚାଇଜିଙ୍କୁ ଅତିରିକ୍ତ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିସିସିଆଇ ଖେଳାଳି ଓ ସର୍ପୋଟ ଷ୍ଟାଫଙ୍କ ମୁଭମେଣ୍ଟ ଉପରେ କଡ଼ା ନିୟମ ଲାଗୁ କରିଛି। ସେଗୁଡ଼ିକ ହେଲା- ଏ ବେ ଟିମ୍ ହୋଟେଲ ଛାଡିବା ପୂର୍ବରୁ ସୁରକ୍ଷା ସମ୍ପର୍କ ଅଧିକାରୀ (ଏସଏଲଓ) କିମ୍ବା ଟିମ୍ ଇଣ୍ଟିଗ୍ରିଟି ଅଧିକାରୀ (ଟିଆଇଓ)ଙ୍କ ଠାରୁ ଅନୁମତି ନେବାକୁ ପଡିବ। - ବାହାର ଯାଉଥିବା ସୂଚନା ପୂର୍ବରୁ ରିପୋର୍ଟ କରିବାକୁ ପଡିବା। - ପ୍ରତ୍ୟେକ ଗତିବିଧିର ରେକର୍ଡ ରଖାଯିବ।

ବିସିସିଆଇ କେବଳ ଖେଳାଳି ଏବଂ ସେମାନଙ୍କର ନିକଟତମ ଲୋକଙ୍କ ପାଇଁ ଚିନ୍ତିତ ନୁହେଁ। ବୋର୍ଡ କିଛି ଟିମ୍ ମାଲିକ ଏବଂ ଅଧିକାରୀଙ୍କ ଆଚରଣ ପ୍ରତି ମଧ୍ୟ ଅସନ୍ତୋଷ ପ୍ରକାଶ କରିଛି। ଆଡଭାଇଜରୀରେ କୁହାଯାଇଛି ଯେ କିଛି ଟିମ୍ ମାଲିକ ମ୍ୟାଚ୍ ସମୟରେ ଖେଳାଳିଙ୍କ ସହିତ କଥାବାର୍ତ୍ତା କରୁଛନ୍ତି, ଡଗ୍ ଆଉଟ୍‌କୁ ଯିବାକୁ ଓ ପଡିଆରେ ପହଁଞ୍ଚିବାର ଚେଷ୍ଟା କରୁଛନ୍ତି, ଯାହାକି ନିୟମ ବିରୋଧୀ।

ନୂତନ ଏସଓପି ଅନୁଯାୟୀ, ଭେପ୍, ଇ-ସିଗାରେଟ୍ ଏବଂ ସମସ୍ତ ନିଷିଦ୍ଧ ପଦାର୍ଥର ବ୍ୟବହାର ଟିମ୍ ହୋଟେଲ, ଡ୍ରେସିଂ ରୁମ୍, ଡଗ୍ ଆଉଟ୍ ଏବଂ ପ୍ରାକ୍ଟିସ୍ ଏରିଆରେ ସମ୍ପୂର୍ଣ୍ଣ କଡ଼ାକଡ଼ି ଭାବରେ ନିଷିଦ୍ଧ ହେବ। ବିସିସିଆଇ ସ୍ପଷ୍ଟ କରିଛି ଯେ ଏହି ନିୟମ ଉଲ୍ଲଂଘନକାରୀଙ୍କୁ ଭାରୀ ଜରିମାନା, ନିଲମ୍ବନ, ଆଇପିଏଲରୁ ବାସନ୍ଦ ଏବଂ ଆବଶ୍ୟକ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇପାରେ। ଏହି ସିଜନରେ ଅନେକ ଘଟଣା ବିସିସିଆଇ ପାଇଁ ଚିନ୍ତା ସୃଷ୍ଟି କରିଛି। ରିୟାନ ପରାଗଙ୍କ ଭେପ୍ ବିବାଦ, ଡଗ୍ ଆଉଟରେ ରୋମି ଭିଣ୍ଡରଙ୍କ ଫୋନ୍ ବ୍ୟବହାର କରିବା ଏବଂ ଖେଳାଳିମାନଙ୍କ ସହିତ ଅନଧିକୃତ ଲୋକଙ୍କ ନିରନ୍ତର ଉପସ୍ଥିତି ଭଳି ଘଟଣା ପରେ, ବୋର୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି

## ୧୦ବର୍ଷ ପରେ ମେନଚେଷ୍ଟର ସିଟି ମହିଳା ସୁପର ଲିଗ୍ ଜିତିଲା ଟାଇଟଲ

**ବ୍ରାଇଟନ୍**

ମେନଚେଷ୍ଟର ସିଟି ଏକ ଦଶନ୍ଧି ପରେ ପ୍ରଥମ ଥର ପାଇଁ ମହିଳା ସୁପର ଲିଗ୍ ଟାଇଟଲ ଜିତିଛି। ଟାଇଟଲ ଦୌଡ଼ରେ ଶେଷ ପ୍ରତିଦ୍ୱନ୍ଦ୍ୱୀ ଆର୍ସେନାଲ୍ ବ୍ରାଇଟନ୍ ଆଣ୍ଡ ହୋଭ୍ ଆଲବିଅନ୍ ଦ୍ୱାରା ୧-୧ ଗୋଲରେ ଡ୍ର ହୋଇ ଚାମ୍ପିଅନ୍ ହୋଇଛି। ମେନଚେଷ୍ଟର ସିଟି ୨୨ ମ୍ୟାଚ୍‌ରୁ ୨୧ ପଏଣ୍ଟ ଜିତିଛି। ଅନ୍ୟପକ୍ଷରେ ଶୀର୍ଷ ସ୍ଥାନ ପାଇବାର ଆଶା ବଜାୟ ରଖିବା ପାଇଁ ଆର୍ସେନାଲ୍‌କୁ ସେମାନଙ୍କର ବାକି ଥିବା ସମସ୍ତ ଚାରୋଟି ମ୍ୟାଚ୍ ଜିତିବାକୁ ପଡ଼ିଥିଲା, କିନ୍ତୁ ବ୍ରାଇଟନ୍ ବିପକ୍ଷରେ ଡ୍ର ହେବା ଫଳରେ ସେମାନଙ୍କର ଆଶା ଧୂଳିସାତ ହୋଇଗଲା, ଯାହା ଉତ୍ତର ଲଣ୍ଡନ ବଦଳରେ ଉତ୍ତରପଶ୍ଚିମକୁ ଟାଇଟଲ୍ ପଠାଇଦେଲା। ଓଏଲ୍ ଲିଓନାଇସ୍ ଠାରୁ ହାରିବା ପରେ ଗତ ସପ୍ତାହରେ ଚାମ୍ପିଅନ୍ସ ଲିଗ୍ ସେମିଫାଇନାଲ୍‌ରୁ ବାଦ୍ ପଡ଼ିଥିବା ଆର୍ସେନାଲ୍ ଉପରେ ଚାପ ଏହି ମ୍ୟାଚ୍ ରେ ସ୍ପଷ୍ଟ ଭାବରେ ଦେଖାଯାଉଥିଲା। ପ୍ରଥମାର୍ଦ୍ଧ ଶେଷ ହେବା ପୂର୍ବରୁ ଫୁକା ସୁନୋଡା ବ୍ରାଇଟନ୍‌କୁ ଅଗ୍ରଣୀ ଦେଇଥିଲେ। ଯଦିଓ ନରୱେଜିଆନ୍ ମିଡ୍ ଫିଲ୍ଡର ଫ୍ରିଡା ମାନ୍ନୁମ୍ ଗୋଟିଏ ଘଣ୍ଟା ପରେ ଆର୍ସେନାଲ୍ ପାଇଁ ସମାନ କରିଥିଲେ, କିନ୍ତୁ ଦଳ ଶେଷ ମିନିଟ୍ ପର୍ଯ୍ୟନ୍ତ ବିଜୟୀ ଗୋଲ ପାଇପାରିଲା ନାହିଁ। ଏହି ଫଳାଫଳ ସହିତ, ମେନଚେଷ୍ଟର ସିଟି ୧୦ ବର୍ଷର ଅପେକ୍ଷା ପରେ ମହିଳା ସୁପର ଲିଗ୍ ଟ୍ରଫି ହାସଲ କରିଛି।

## ଟିମ୍ ଇଣ୍ଡିଆର ବୋଲିଂ କୋଚ୍ ହେବେ ସାଇରାଜ ବାହୁତୁଲେ

# ବିସିସିଆଇକୁ ସୁପାରିସ କଲେ ଗୌତମ ଗମ୍ଭୀର



**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ ସିଜିନ୍ ଶେଷ ହେବା ସହିତ, ଭାରତୀୟ କ୍ରିକେଟ୍ ଦଳ ପୁଣି ଥରେ ଅନ୍ତର୍ଜାତୀୟ କ୍ରିକେଟରେ ସକ୍ରିୟ ହେବ। ଏଥର ଟିମ୍ ଇଣ୍ଡିଆ ମଇଦାନକୁ ଓହ୍ଲାଇବ, କିଛି ନୂଆ ମୁହଁ ଦେଖିବାକୁ ମିଳିପାରେ। ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଟିମ୍ ଇଣ୍ଡିଆର ଟି-ଟ୍ୱେଣ୍ଟି ଅଧିନାୟକତ୍ୱରେ ପରିବର୍ତ୍ତନ ହୋଇପାରେ। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଶ୍ରେୟସ ଆୟରଙ୍କୁ ନିଆଯାଇପାରେ। ଏହା ଏକମାତ୍ର ପରିବର୍ତ୍ତନ ନୁହେଁ; ପ୍ରଶିକ୍ଷକ ଦଳରେ ମଧ୍ୟ କିଛି ନୂତନ ଚେହେରା ଦେଖିବାକୁ ମିଳିପାରେ। ରିପୋର୍ଟ ଅନୁଯାୟୀ, ଟିମ୍ ଇଣ୍ଡିଆକୁ ଜଣେ ନୂଆ ପ୍ରଶିକ୍ଷକ ମିଳିବାକୁ ଯାଉଛି। ହେଡ୍ କୋଚ୍ ଗୌତମ ଗମ୍ଭୀର ବୋଲିଂ କୋଚ୍ ପାଇଁ ସାଇରାଜ ବାହୁତୁଲେଙ୍କ ନାମ ବିସିସିଆଇକୁ ସୁପାରିସ୍ କରିଛନ୍ତି।

କ୍ରିକବଜ୍ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଖୁବ୍ ଶୀଘ୍ର ପୂର୍ବତନ ସ୍ପିନର ସାଇରାଜ ବାହୁତୁଲେଙ୍କୁ ଟିମ୍ ଇଣ୍ଡିଆର ପ୍ରଶିକ୍ଷକ ଦଳରେ ସାମିଲ କରିବ। ପୂର୍ବତନ ଟିମ୍ ଇଣ୍ଡିଆ ଏବଂ ମୁମ୍ବାଇ କ୍ରିକେଟ୍ ଦଳର ସ୍ପିନର ବାହୁତୁଲେଙ୍କୁ ଭାରତୀୟ ଦଳର ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଭାବରେ ସାମିଲ କରିବା ପାଇଁ ପ୍ରସ୍ତୁତି ଚାଲିଛି। ବୋର୍ଡ ପୂର୍ବରୁ ବହୁତୁଲେଙ୍କ ସହ ଏ ବିଷୟରେ ଆଲୋଚନା କରିସାରିଛି। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ ତାଙ୍କ ସହିତ ଆଲୋଚନା କରିଛନ୍ତି, ଯାହା ଫଳରେ ତାଙ୍କ ନିଯୁକ୍ତି ଉପରେ ସର୍ବସମ୍ମତି ହୋଇଛି।

ସାଇରାଜ ବର୍ତ୍ତମାନ ଆଇପିଏଲ ୨୦୨୬ ପାଇଁ ପଞ୍ଜାବ କିଙ୍ଗ୍ସ ସହିତ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଭାବରେ ଜଡ଼ିତ। ଗୌତମ ଗମ୍ଭୀର ସ୍ପିନ୍ ପ୍ରଶିକ୍ଷକ ଭାବରେ ତାଙ୍କ କାର୍ଯ୍ୟରେ ବହୁତ ପ୍ରଭାବିତ। ସେ ପୂର୍ବରୁ ରାଜସ୍ଥାନ ରୟାଲ୍ସର ଅଂଶ ଥିଲେ ଏବଂ ଜାତୀୟ କ୍ରିକେଟ୍ ଏକାଡେମୀରେ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବା ସମୟରେ, ବିଭିନ୍ନ ସିରିଜରେ ତାଙ୍କୁ ଅନେକ ଥର ଟିମ୍ ଇଣ୍ଡିଆ ସହିତ ଦେଖାଯାଇଛି। ସ୍ପଷ୍ଟ ଭାବରେ, ତାଙ୍କର ପ୍ରଶିକ୍ଷଣ ଜୀବନବୃତ୍ତାନ୍ତ ଦୃଢ଼ ଏବଂ ସେ ଟିମ୍ ଇଣ୍ଡିଆ ସେଟଅପ୍ ସହିତ ପରିଚିତ। ତେଣୁ, ଯଦି ସେ ଟିମ୍ ଇଣ୍ଡିଆରେ ଯୋଗ ଦିଅନ୍ତି, ତେବେ ତାଙ୍କୁ ପଞ୍ଜାବ କିଙ୍ଗସ ଛାଡ଼ିବାକୁ ପଡ଼ିବ।

ଟିମ୍ ଇଣ୍ଡିଆକୁ ଏବେ ଜଣେ ସ୍ପିନ୍ ବୋଲିଂ ପ୍ରଶିକ୍ଷକଙ୍କ ଆବଶ୍ୟକତା କାହିଁକି ? ଏହାର ମୁଖ୍ୟ କାରଣ ହେଉଛି ଟେଷ୍ଟ ଫର୍ମାଟରେ ନୂତନ ସ୍ପିନରଙ୍କ ଆବଶ୍ୟକତା। ଗତ ଦଶନ୍ଧି ଧରି ରବିଚନ୍ଦ୍ରନ୍ ଅଶ୍ୱିନ ଏବଂ ରବିନ୍ଦ୍ର ଜାଡ଼େଜା ଭାରତୀୟ ସ୍ପିନ୍ ବିଭାଗକୁ ଦକ୍ଷତାର ସହିତ ପରିଚାଳନା କରିଛନ୍ତି। ଅଶ୍ୱିନ ଏବେ ଅବସର ନେଇସାରିଛନ୍ତି। ଜାଡ଼େଜା ପ୍ରଭାବଶାଳୀ ଦେଖାଯାଉ ନାହାନ୍ତି। କୌଣସି ନୂଆ ସ୍ପିନର ଟେଷ୍ଟ କ୍ରିକେଟରେ ପ୍ରଭାବ ପକାଇ ପାରୁ ନାହାନ୍ତି, ଯାହାର ପରିଣାମ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦଳର ପରାଜୟରୁ ସ୍ପଷ୍ଟ ହୋଇଥିଲା। ତେଣୁ ନୂତନ ସ୍ପିନରଙ୍କୁ ତାଲିମ ଦାୟିତ୍ୱ ବାହୁତୁଲେଙ୍କ ଉପରେ ପଡ଼ିବ।

# ଦିଲ୍ଲୀକୁ ୮ୱିକେଟ୍‌ରେ ହରାଇଲା କୋଲକାତା



**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୧ତମ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ କୋଲକାତା ନାଇଟ୍ ରାଇଡର୍ସ ୮ ୱିକେଟ୍‌ରେ ବିଜୟୀ ହୋଇଛି। ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମୁକାବିଲାରେ କୋଲକାତା ୧୪୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା ଏବଂ ଦଳ ୧୪.୨ ଓଭରରେ ମାତ୍ର ୨ଟି ୱିକେଟ ହରାଇ ୧୪୭ ରନ୍ ସଂଗ୍ରହ କରିଛି। ଏହି ମ୍ୟାଚ୍‌ରେ କୋଲକାତାର ଖେଳାଳି ଫିନ୍ ଆଲେନ୍ ଅପରାଜିତ ଶତକ ହାସଲ କରିଛନ୍ତି।

ଆଜିଙ୍କ୍ୟ ରହାଣେଙ୍କ ନେତୃତ୍ୱରେ କୋଲକାତା କୋଲକାତା ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇ ସଫଳ ବୋଲିଂ ରଣନୀତି କରିଥିଲା। ଫଳରେ ଦିଲ୍ଲୀ ନିଜର ପଡ଼ିଆରେ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୪୨ ରନ୍ କରିଥିଲା। ବ୍ୟାଟିଂ ଇନିଂରେ ମଧ୍ୟ ଭଲ ରଣନୀତି କରିଥିଲା କୋଲକାତା। ପ୍ରାରମ୍ଭିକ ବ୍ୟାଟିଂ ଯଦିଓ ଉତ୍ସାହଜନକ ଥିଲା ତଥାପି ତୃତୀୟ ୱିକେଟ୍‌ରେ ଫିନ୍ ଆଲେନ୍ ଏବଂ କେମରନ ଗ୍ରିନ୍ ଶତକୀୟ ଭାଗିଦାରୀ କରିଥିଲେ।

ଫିନ୍ ଆଲେନ୍ ଅପରାଜିତ ଶତକ ହାସଲ କରିଥିଲେ। ସେ ୪୭ଟି ବଲ୍ ଖେଳି ୫ଟି ଚୌକା ଏବଂ ୧୦ଟି ଛକା ବଳରେ ୧୦୦ ରନ୍ କରିଥିଲେ। କେମରନ ଗ୍ରିନ ଅପରାଜିତ ୩୩ ରନ୍ ସଂଗ୍ରହ କରିଥିଲେ। ସେ ୨୭ଟି ବଲ୍ ଖେଳି ୨ଟି ଛକା ମାରିଥିଲେ। ଆଜିଙ୍କ ରହାଣେ ୧୩ ଏବଂ ଅଙ୍ଗକ୍ରିଶ ରଘୁବଂଶୀ ଏକ ରନ୍ କରିଥିଲେ।

କୋଲକାତାର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। ପ୍ରାରମ୍ଭିକ ବ୍ୟାଟର ପାଥୁମ ନିଶଙ୍କା ଏବଂ କେଏଲ୍ ରାହୁଲ ୪୯ ରନ୍‌ର ଭାଗିଦାରୀ କରିଥିଲେ। ୪.୬ ଓଭରରେ ଦିଲ୍ଲୀକୁ ପ୍ରଥମ ଝଟ୍‌କା ଲାଗିଥିଲା ଏବଂ କେଏଲ୍ ରାହୁଲ ୧୪ଟି ବଲ୍ ଖେଳି ୪ଟି ଚୌକା ବଳରେ ୨୩ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଦିଲ୍ଲୀର ସ୍କୋର ୭୪ ରନ୍‌ରେ କୋଲକାତା ଦ୍ୱିତୀୟ ୱିକେଟ୍ ଅକ୍ତିଆର କରିଥିଲା। ନୀତିଶ ରାଣା ୮ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଦଳର ସ୍କୋର ୮୦ ରନ୍‌ରେ ସମୀର ରିଜଭି, ୮୫ ରନ୍‌ରେ ପାଥୁମ ନିଶଙ୍କା ଏବଂ ୮୯ ରନ୍‌ରେ ତିଷ୍ଟାନ ଷ୍ଟବ୍‌ସ ଆଉଟ୍ ହୋଇଥିଲେ।

ଦିଲ୍ଲୀ ପାଇଁ କେଏଲ୍ ରାହୁଲଙ୍କ ବ୍ୟତୀତ ପାଥୁମ ନିଶଙ୍କା ଏବଂ ଆଶୁତୋଷ ଶର୍ମାଙ୍କ ବ୍ୟକ୍ତିଗତ ଉଦ୍ୟମ ଭଲ ଥିଲା। ନିଶଙ୍କା ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୨୯ଟି ବଲ୍ ଖେଳି ୫ଟି ଚୌକା ଏବଂ ୩ଟି ଛକା ବଳରେ ୫୦ ରନ୍ ସଂଗ୍ରହ କରିଥିଲେ। ସେହିପରି ଆଶୁତୋଷ ୨୮ଟି ବଲ୍ ଖେଳି ୩୯ ରନ୍ ସଂଗ୍ରହ କରିଥିଲେ। ସେ ୩ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ଦିଲ୍ଲୀର ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। କୋଲକାତା ପାଇଁ ଅନୁକୂଳ ରୟ ଏବଂ କାର୍ତ୍ତିକ ତ୍ୟାଗୀ ୨-୨ଟି ୱିକେଟ୍ ନେଇ ଥିଲେ। ବୈଭବ ଅରୋରା, ସୁନୀଲ ନାରାୟଣ ଏବଂ କେମରୁନ ଗ୍ରିନ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ୧୩ ଦିନିଆ ରକ୍ତଦାନ ଶିବିରର ଅଷ୍ଟମ ଦିନରେ ୩୫ ୟୁନିଟ୍ ରକ୍ତ ସଂଗୃହୀତ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଗ୍ରୀଷ୍ମ ପ୍ରବାହ ଯୋଗୁଁ ସମସ୍ତ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ କିଛି କାଂଶରେ ଦୂରକରିବା ପାଇଁ ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କର ଜିଙ୍କ ଜନ୍ମଦିନ ଅବସରରେ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଙ୍ଗ ପରିବାରର ମିଳିତ ଆନୁକୂଲ୍ୟରେ ଏକ ତେର ଦିନିଆଁ ରକ୍ତଦାନ ଶିବିରର ଶୁକ୍ରବାର ଅଷ୍ଟମ ଦିନରେ ବରଗଡ଼ ଜିଲ୍ଲାର ବରପାଲି ସ୍ଥିତ ଗଙ୍ଗାଧର କ୍ଲବ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୩୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରକୁ ବାସୁଦେବ ପଧାନ, ସତ୍ୟନାରାୟଣ ପଧାନ, ଅର୍ଜୁନ ସାହୁ, ବର୍ଣ୍ଣି ତ୍ରିପାଠୀ, ଶ୍ରଦ୍ଧାଞ୍ଜଳି ତ୍ରିପାଠୀ, ଲକ୍ଷ୍ମୀ ପ୍ରସାଦ ସାହୁ, ସୁନୀତି ସାହୁ, ସୁଦାମ ପ୍ରଧାନ, ସୁବ୍ରତ ଦାଶ, ନେତ୍ରାନନ୍ଦ ପଧାନ, ରୀନା ଦାଶ, ଆଲୋକ ରାଉତ, ଅମର ବେହେରାଙ୍କ ସହ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଙ୍ଗର ସଦସ୍ୟ ସଦସ୍ୟାମାନେ ସୁପରିଚାଳନା କରିଥିଲେ। ସମସ୍ତ ରକ୍ତଦାତା, ସହଯୋଗୀ, ଶୁଭେଚ୍ଛୁମାନଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ବହୁତ ଧନ୍ୟବାଦ ଓ କୃତଜ୍ଞତା।

**OFFICE OF THE DIVISIONAL FOREST OFFICER, REDHAKHOL DIVISION**
**Mobile No:-06644-299949 Email ID:-dfo.redhakhol@odisha.gov.in**
Notice No. 007 Date. 05.05.2026
8001/62/2627
**1st Corrigendum EOI Notice**
**Selection of Qualified Consultants / System Integrators for Network Infrastructure Modernization for Redhakhol Forest Division.**

In partial modification of the Tender Call Notice issued vide Bid EOI Reference No- *DFO/IT/EOI/2026-27/001(offline)* dated *10.04.2026*, it is hereby informed that the tender submission and Bid opening date have been revised.

. The EOI Document is also available on the district website https://sambalpur.odisha.gov.in or www.redhakholforest.com. Your proposal shall be reached to the O/o the Divisional Forest Office, Redhakhol Forest Division through courier/speed post/registered post/Drop Box latest by 12.05.2026 on or before 05.00 PM.

| SI No. | Critical Dates | Previously | Extended Upto |
|---|---|---|---|
| 1 | Bid Submission End Date | 05.05.2026 at 05.00 PM | 12.05.2026 at 05.00 PM |
| 2 | Bid Opening Date | 06.05.2026 at 11.00 AM | 13.05.2026 at 11.00 AM |

OIPR-8001/8146/1/26-27/0009
Sd/- Divisional Forest Officer,
Redhakhol Forest Divisioin

# ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପ୍ରଶାସନ ଏବଂ ଭାରତୀୟ ରେଡକ୍ରସ ସୋସାଇଟି, ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ ଆନ୍ଦୋଳନର ପ୍ରତିଷ୍ଠାତା ସାର୍ ଜିନ୍ ହେନେରୀ ଡୁନାଣ୍ଟଙ୍କ ଜୟନ୍ତୀ ଅବସରରେ ଆଜି ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ବିଶ୍ୱ ରେଡକ୍ରସ୍ ଦିବସ' ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ମାନବିକତା ପାଇଁ ଏକଜୁଟ୍'କୁ ପାଥେୟ କରି ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଓ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଅଶୋକ କୁମାର ଭୋଇ, ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ଅନ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ଏହି ଅବସରରେ ଅତିରିକ୍ତ ଜିଲ୍ଲପାଳ(ସାଧାରଣ) ଅଶୋକ କୁମାର ଭୋଇ, ଯୋଗଦେଇ ମାନବ ସେବା କ୍ଷେତ୍ରରେ ରେଡ୍‌କ୍ରସର ଭୂମିକା ଉପରେ ଓ ଥାଲିଶିମିଆ ଉପରେ ଆଲୋକପାତ କରିଥିଲେ। ରେଡକ୍ରସର ସମସ୍ତ ଦୁଃଖୀ ଦରିଦ୍ରଙ୍କର ଅସୁବିଧା ସମୟରେ ବରଦାନ ସାବ୍ୟସ୍ତ ହୋଇଛି। ରେଡକ୍ରସ ରକ୍ତଦାନ ହେଉଛି ମହାଦାନ ଏବଂ ଜଣଙ୍କର ରକ୍ତଦାନ ଅନ୍ୟ ଜଣଙ୍କୁ ଜୀବନଦାନ ଦେଇପାରେ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ବିଶେଷକରି ଯୁବପିଢ଼ି ଓ ସରକାରୀ କର୍ମଚାରୀମାନେ ରକ୍ତଦାନ ଭଳି ମହତ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ।

ସମୁଦାୟ ୭୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ବେଳେ ୬୪ ଜଣଙ୍କୁ ମାଗଣାରେ ଚକ୍ଷୁ ପରୀକ୍ଷା ଯୋଗାଇ ଦିଆଯାଇଥିଲା। ଏହି ଶିବିର ରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ, ଜିଲ୍ଲା ପ୍ରଶାସନର କର୍ମଚାରୀ ଏବଂ ସାଧାରଣ ଜନତା ରକ୍ତଦାନ କରିଥିଲେ। ରେଡକ୍ରସର ଏହି ମହତ ପ୍ରୟାସକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଡାକ୍ତରୀ ଦଳ ଏବଂ ରେଡକ୍ରସର ସ୍ୱେଚ୍ଛାସେବୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଅବସରରେ ରକ୍ତଦାତାମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା।

ସମ୍ବଲପୁର ଜିଲ୍ଲା ରେଡକ୍ରସ୍ ସୋସାଇଟି ପକ୍ଷରୁ ସର୍ବାଧିକ ଅର୍ଥରାଶି ସଂଗ୍ରହ କ୍ଷେତ୍ରରେ ଡେପୁଟି କଲେକ୍ଟର (ଜୁଡିସିଆଲ) ନିରଞ୍ଜନ ସାହୁଙ୍କୁ ପ୍ରଥମ ସ୍ଥାନରେ, ତହସିଲଦାର, ରେଢ଼ାଖୋଲଙ୍କୁ ଦ୍ୱିତୀୟ ସ୍ଥାନରେ, ସମ୍ବଲପୁର ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ଙ୍କୁ ତୃତୀୟ ସ୍ଥାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟାନ୍ୟ ପ୍ରମୁଖ ବିଭାଗ ମଧ୍ୟରେ ସମ୍ବଲପୁର ମହାନଗର ନିଗମ, ବାମରା ମଙ୍ଗଳ ଉନ୍ନୟନ ଅଧିକାରୀ, ସି.ଏସ୍.ଓ (ସମ୍ବଲପୁର), ଅବକାରୀ ବିଭାଗ ଅଧିକ୍ଷକ, ଜିଲ୍ଲା ସମାଜକଲ୍ୟାଣ ବିଭାଗ, ଆଞ୍ଚଳିକ ପରିବହନ ବିଭାଗଙ୍କୁ ରେଡକ୍ରସ୍ ପାଣ୍ଠିକୁ ସହାୟତା ପ୍ରଦାନକରି ପ୍ରଶଂସା ପତ୍ର ପାଇଥିଲେ।

ଏହି ଅବସରରେ ରେଡକ୍ରସ ପାଣ୍ଠି ସଂଗ୍ରହ ଏବଂ ନୂତନ ସଦସ୍ୟ ପଞ୍ଜୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବଲପୁର ଜିଲ୍ଲାର ପ୍ରେମରାଜ ନିଆଲ (ନିହାଲ ସିଂ) – ପୃଷ୍ଠପୋଷକ, ଜିଲ୍ଲା ରେଡକ୍ରସ ଶାଖା, ସମ୍ବଲପୁର, ମୋମିନା ଖାତୁନ – ଉପ-ପୃଷ୍ଠପୋଷକ, ଜିଲ୍ଲା ରେଡକ୍ରସ ଶାଖା, ସମ୍ବଲପୁର, ଡାକ୍ତର ସୁଶୀଲ କୁମାର ବେହେରା – ଆଜୀବନ ସଦସ୍ୟ, ଜିଲ୍ଲା ରେଡକ୍ରସ ଶାଖା, ସମ୍ବଲପୁର ତିନିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

ରେଡକ୍ରସର ମହତ ଆଦର୍ଶକୁ ସମାଜରେ ପ୍ରସାରିତ କରିବା ଏବଂ ପାଣ୍ଠି ସଂଗ୍ରହ ମାଧ୍ୟମରେ ମାନବିକ ସେବାକୁ ସୁଦୃଢ଼ କରିବାରେ ଏହି ସମାଜସେବୀମାନଙ୍କର ପ୍ରଶଂସନୀୟ କାର୍ଯ୍ୟକୁ ଅତିରିକ୍ତ ଜିଲ୍ଲାପାଳ ରେଡକ୍ରସ ଶାଖାର ଉପାଧ୍ୟକ୍ଷ ଉଚ୍ଚ ପ୍ରଶଂସା କରିଛନ୍ତି। ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନଜନକ 'ପ୍ରଶଂସା ପତ୍ର' ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ରେଡ କ୍ରୋସ ସମ୍ପାଦିକା ରୋଜାଲିନା ତିର୍କୀ ପରିଚାଳନା କରିଥିଲେ।



# ଲେଭଲ୍ କ୍ରସିଂରେ ଅସାବଧାନତାପୂର୍ଣ୍ଣ ଗାଡି ଚାଳନା ଟ୍ରେନର ସମୟାନୁବର୍ତ୍ତିତାକୁ ପ୍ରଭାବିତ କରୁଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ପାଇଁ ଏବଂ ରେଳବାଇ ଲେଭଲ୍ କ୍ରସିଂରେ ସୁରକ୍ଷା ମାନଦଣ୍ଡ ପାଳନ କରିବାକୁ ନିବେଦନ କରୁଛି । ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନରେ ରେଳ ଫାଟକ ଉଲ୍ଲଂଘନ ଏବଂ ସଡକ ଯାନବାହନ ଦ୍ୱାରା ଫାଟକ ଭାଙ୍ଗିବା ଘଟଣା ବୃଦ୍ଧି ପାଇଥିବାରୁ ଗଭୀର ଚିନ୍ତା ପ୍ରକାଶ କରାଯାଇଛି । ଏହି ଘଟଣାଗୁଡ଼ିକ କେବଳ ମାନବଜୀବନକୁ ବିପଦରେ ପକାଉନାହିଁ, ବରଂ ଟ୍ରେନ୍ ଚଳାଚଳରେ ବାଧା ସୃଷ୍ଟି କରି ସମୟନିଷ୍ଠତାକୁ ମଧ୍ୟ ପ୍ରଭାବିତ କରୁଛି । ଅନେକ ସମୟରେ ସଡକ ଯାତାୟାତକାରୀମାନେ ଫାଟକ ବନ୍ଦ ହୋଇଯାଇଥିବା ପରେ କିମ୍ବା ବନ୍ଦ ହେଉଥିବା ସମୟରେ ମଧ୍ୟ ରେଳ ଫାଟକ ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି । ଏହା ଫଳରେ ଫାଟକ ବାରିକେଡ୍ କ୍ଷତିଗ୍ରସ୍ତ ହେବା, ସଙ୍କେତ ବ୍ୟବସ୍ଥା ବିଘ୍ନିତ ହେବା ଏବଂ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହେବା ପରି ଘଟଣା ଘଟୁଛି । ଏପରି ଅଦାୟୀ ବ୍ୟବହାର ମାନବଜୀବନ ଓ ରେଳ ସମ୍ପତ୍ତି ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି । ୨୦୨୪ ମସିହାରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନରେ ମୋଟ ୧୧୩ଟି ରେଳ ଫାଟକ ଭାଙ୍ଗିବା ଘଟଣା ରେକର୍ଡ ହୋଇଥିଲା, ଯାହାରେ ୯୨ ଜଣଙ୍କୁ ଗିରଫ କରାଯାଇଥିଲା। ୨୦୨୫ ମସିହାରେ ମୋଟ ୯୮ଟି ରେଳ ଫାଟକ ଭାଙ୍ଗିବା ଘଟଣା ଘଟିଥିବା ବେଳେ ୫୯ ଜଣଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇଛି । ସେହିପରି ୨୦୨୬ ମସିହାରେ (୮ ମେ ପର୍ଯ୍ୟନ୍ତ) ୪୩ଟି ରେଳ ଫାଟକ ଭାଙ୍ଗିବା ଘଟଣା ଘଟିଥିବା ବେଳେ ୨୩ ଜଣଙ୍କୁ ଗିରଫ କରାଯାଇଛି । ଚଳିତ ବର୍ଷରେ ମଣ୍ଡଳର ବିଭିନ୍ନ ସ୍ଥାନରୁ ରେଳ ଫାଟକ ଭାଙ୍ଗିବା ଘଟଣା ରିପୋର୍ଟ ହୋଇଛି । ସେଗୁଡ଼ିକ ମଧ୍ୟରେ — ଭୁବନେଶ୍ୱର ଅଞ୍ଚଳରେ ୦୮ଟି ଘଟଣା ,ବ୍ରହ୍ମପୁର ଅଞ୍ଚଳରେ ୦୬ଟି ଘଟଣା,ପୁରୀ ଅଞ୍ଚଳରେ ୦୨ଟି ଘଟଣା,ଭଦ୍ରକ ଅଞ୍ଚଳରେ ୦୮ଟି ଘଟଣା,ଯାଜପୁର କେଉଁଝର ରୋଡ଼ ଅଞ୍ଚଳରେ ୦୩ଟି ଘଟଣା,କଟକ ଅଞ୍ଚଳରେ ୦୪ଟି ଘଟଣା, ପଲାସା ଅଞ୍ଚଳରେ ୦୩ଟି ଘଟଣା ଏବଂ ଖୋର୍ଦ୍ଧା ରୋଡ଼ ଅଞ୍ଚଳରେ ୦୨ଟି ଘଟଣା ରିପୋର୍ଟ କରାଯାଇଅଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ନିରାପତ୍ତା ବିଭାଗ ଏବଂ ରେଳବାଇ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀଙ୍କ ଦ୍ୱାରା ପରିଚାଳିତ କ୍ରମାଗତ ସଚେତନତା ଅଭିଯାନ ଏବଂ ଲେଭଲ୍ କ୍ରସିଂରେ ସଡକ ବ୍ୟବହାରକାରୀଙ୍କ ନିରନ୍ତର ପରାମର୍ଶ ପରେ ମଧ୍ୟ ନିୟମ ଉଲ୍ଲଂଘନକାରୀଙ୍କ ଦ୍ୱାରା ଏପରି ଘଟଣା ଜାରି ରହିଛି ।
ଖୋର୍ଦ୍ଧା ରୋଡ଼ ରେଳ ପ୍ରଶାସନ ପୁଣି ଥରେ ଜନସାଧାରଣଙ୍କୁ ଲେଭଲ୍ କ୍ରସିଂ ନିକଟକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ ରେଳବାଇକୁ ସହଯୋଗ କରିବାକୁ ଅନୁରୋଧ କରୁଛି ଓ ଟ୍ରେନ ଏବଂ ସଡକ ଯାନବାହାନ ଉଭୟର ନିରାପଦ ଏବଂ ସୁଗମ ଚଳାଚଳ ସୁନିଶ୍ଚିତ କରିବା ପାଇଁ ଜନସାଧାରଣଙ୍କ ସମର୍ଥନ ଅତ୍ୟନ୍ତ ଜରୁରୀ।
ଗତିଶୀଳ ଟ୍ରେନ ବ୍ରେକ୍ ଲଗାଇବା ପରେ ମଧ୍ୟ ତୁରନ୍ତ ଅଟକି ରହିପାରିନଥାଏ କାରଣ ଏହାର ଗତି ଏବଂ ଲୋଡ୍ ଉପରେ ନିର୍ଭର କରି ଏକ ନିର୍ଦ୍ଦିଷ୍ଟ ଦୂରତା ଅଟକିବା ଆବଶ୍ୟକ ହୋଇଥାଏ ଓ ତେଣୁ, ବନ୍ଦଥିବା କିମ୍ବା ବନ୍ଦ କରାଯାଉଥିବା ଲେଭଲ୍ କ୍ରସିଂ ଗେଟ୍ ଅତିକ୍ରମ କରିବାର ଯେକୌଣସି ପ୍ରୟାସ ବିପର୍ଯ୍ୟୟକୁ ନିମନ୍ତ୍ରଣ କରିଥାଏ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଓ ଜନସାଧାରଣଙ୍କୁ ସୁରକ୍ଷା ବିଷୟରେ ଶିକ୍ଷା ଦେବା ପାଇଁ ସମ୍ବେଦନଶୀଳ ଲେଭଲ୍ କ୍ରସିଂ ଗେଟ୍ ରେ ନିରନ୍ତର ସଚେତନତା ଅଭିଯାନ ଏବଂ ପରାମର୍ଶ କାର୍ଯ୍ୟକ୍ରମ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଆୟୋଜନ କରାଯାଉଛି ଓ ରେଳ ସୁରକ୍ଷା ବଳ ଏବଂ ସ୍ଥାନୀୟ ପ୍ରଶାସନ ଏହିପରି ଉଲ୍ଲଂଘନକୁ ବନ୍ଦ କରାଇବା ଏବଂ ସୁଗମ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମନ୍ୱୟ ସହ କାର୍ଯ୍ୟ କରୁଛନ୍ତି । ପୂର୍ବତଟ ରେଳପଥ ପୁଣି ଥରେ ସମସ୍ତ ନାଗରିକଙ୍କୁ ରେଳ ସୁରକ୍ଷା ନିୟମ ପାଳନ କରିବାକୁ, ଲେଭଲ୍ କ୍ରସିଂରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଏବଂ ନିରାପଦ, ସମୟାନୁବର୍ତ୍ତୀ ଏବଂ ଦକ୍ଷ ଟ୍ରେନ ସେବା ବଜାୟ ରଖିବାରେ ସାହାଯ୍ୟ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରୁଛି ।



# ‘ମହତ୍ କର୍ମ ପାଇଁ କିଶୋର ସାମଲ ସ୍ମରଣୀୟ ହୋଇ ରହିବେ’

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ନିଷ୍କପଟ ହୃଦୟରେ ସତ୍ୟନିଷ୍ଠ ଭାବେ ଗରିବ, ଅସହାୟ ଲୋକମାନଙ୍କ ସେବା କରିବା ଭଳି ମହତ୍ କର୍ମ ଦ୍ୱାରା ଯୁବ ସମାଜସେବୀ କିଶୋର ସାମଲ ଆଜି ସ୍ମରଣୀୟ ହୋଇପାରିଛନ୍ତି । ଆଞ୍ଚଳିକସ୍ତରରେ ବିଭିନ୍ନ ସମସ୍ୟା, ବିଶେଷକରି ଶିକ୍ଷା କ୍ଷେତ୍ରରେ ସମସ୍ୟାର ସମାଧାନ ନିମନ୍ତେ ଉପଯୁକ୍ତ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟରେ ନ୍ୟାୟୋଚିତ ଦାବି ଉପସ୍ଥାପନ କରିବାରେ ତାଙ୍କର ସକରାତ୍ମକ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ପାଇଁ ସେ ଲୋକପ୍ରିୟ ମଧ୍ୟ ହୋଇପାରିଛନ୍ତି ବୋଲି ବହୁ ବିଶିଷ୍ଟ ବକ୍ତା ମତ ରଖିଛନ୍ତି । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗୀୟ ପୂର୍ଣ୍ଣାନନ୍ଦ ସାମଲଙ୍କ ସୁପୁତ୍ର, ଯୁବ ସମାଜସେବୀ, ଦକ୍ଷ ସଂଗଠକ, ପୂର୍ବତନ କାଉନସିଲର କିଶୋର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଚୌଦ୍ୱାର କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଦୋଳଯାତ୍ରା ପଡ଼ିଆ ସମ୍ମୁଖସ୍ଥ କଳାନିକେତନ କ୍ଲବ ପ୍ରେକ୍ଷାଳୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ଚେୟାରମ୍ୟାନ ପ୍ରେମଚନ୍ଦ ନାୟକ, ଚୌଦ୍ୱାର ମୁନିସିପାଲିଟିର ଭାଇସ ଚେୟାରମ୍ୟାନ ଶୁଭେନ୍ଦୁ ସାମଲ୍, ନଗର କଂଗ୍ରେସ ସଭାପତି ହରିହର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟ କିଶୋର ସାମଲଙ୍କ ବହୁ ମୁଖୀ ପ୍ରତିଭା ଓ ଅବଦାନ ସମ୍ପର୍କରେ ଆଲୋକପାତ କରି ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦ ସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା କ୍ଷୀରୋଦ ବେହେରା, ବିଭୂତି ଭୂଷଣ ସାହୁ, ବିଚିତ୍ରାନନ୍ଦ ସାହୁ, ସୌମିତ୍ର ସ୍ୱାଇଁ, ମୁରଲୀଧର ବେହୁରା, ରବୀନ୍ଦ୍ର କୁମାର ମହାପାତ୍ର, ଯୁବ କଂଗ୍ରେସ ନେତା ବିଜୟ ବେହେରା, ନାରୀନେତ୍ରୀ ମୋନାଲିସା ଦାସ, ଅଜୟ ବଳ, ଲିଙ୍ଗରାଜ ମୁଦୁଲି, ସୁବାସ ଦଲେଇ, ବିଜୟ ନାୟକ, ଦୀପକ ପରିଜା, ଛବିନ ନାୟକ, ଚିତ୍ତରଞ୍ଜନ ନାୟକ, ରାଜେନ୍ଦ୍ର ସାମନ୍ତରାୟ, ଚିତ୍ତରଞ୍ଜନ ସାମଲ, ଜଗଜ୍ଜୀବନ ସାମଲ, ଆନନ୍ଦ ସାମଲ, ଲାବଣ୍ୟବତୀ ସାମଲଙ୍କ ସମେତ ବହୁ ସଂଖ୍ୟାରେ ପୁରାତନ ଛାତ୍ର ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




# ଜୟଦେବ ନିର୍ବାଚନମଣ୍ଡଳୀର ବିଜେଡି କର୍ମୀ ଓ ନେତା ନବୀନଙ୍କୁ ଭେଟିଲେ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଜୟଦେବ ନିର୍ବାଚନମଣ୍ଡଳୀର ବିଜେଡିର ସମସ୍ତ ନେତା ଓ କର୍ମୀ ନବୀନ ନିବାସରେ ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଦଳର ସଂଗଠନ ସଂପର୍କରେ ଆଲୋଚନା କରିଥିଲେ । ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ସ୍ଥାନୀୟ ବିଧାୟକଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ । ଏହି ଅବସରରେ ଜୟଦେବ ନିର୍ବାଚନମଣ୍ଡଳୀକୁ ଆସିବା ପାଇଁ ପୁଷ୍ପଗୁଚ୍ଛ ଓ ଫଳ ଭାର ଦେଇ ସଭାପତିଙ୍କୁ ନିମନ୍ତ୍ରଣ କରିଥିଲେ । ୯୦ ଦଶକଠାରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଜୟଦେବ ନିର୍ବାଚନ ମଣ୍ଡଳୀର ଜନସାଧାରଣ ରହିଆସିଛନ୍ତି ଓ ଆଗାମୀ ଦିନରେ ମଧ୍ୟ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପୂର୍ବରୁ ଶଙ୍ଖ ଭବନ ପରିସରରେ ଅନୁଷ୍ଠିତ ଏକ କର୍ମୀ ସମ୍ମିଳନୀରେ ଦଳର ଉପସଭାପତି ପ୍ରତାପ ଜେନା, ବିଧାୟକ ଅନନ୍ତ ନାରାୟଣ ଜେନା ଓ ଜୟଦେବ ନିର୍ବାଚନମଣ୍ଡଳୀର ଦଳର ସମସ୍ତ ନେତୃମଣ୍ଡଳୀ ଉଦ୍ବୋଧନ ଦେଇଥିଲେ। ଏହା ପରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଶଙ୍ଖ ଭବନଠାରୁ ନବୀନ ନିବାସ ପର୍ଯ୍ୟନ୍ତ ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଓ ନେତା ଯାଇଥିଲେ । ଏହି ଶୋଭାଯାତ୍ରାରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ ମହାନ୍ତି ଓ ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ଭାଗ୍ୟଲକ୍ଷ୍ମୀ ମିଶ୍ର, ସୋଲାର ମିଶ୍ର, ତ୍ରିବିକ୍ରମ ଦାସ, ପ୍ରତାପ ନାୟକ, ତ୍ରିଲୋକ୍ୟ ମହାପାତ୍ର, ଚିନୁ ପଟ୍ଟନାୟକ, ଦୁର୍ଗା ମିଶ୍ର ଓ ମଙ୍ଗରାଜ ବେହେରା ପ୍ରମୁଖ ରହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା...

ଯାହାବି ସମସ୍ୟା ରହିଛି ତାହା ଦୂର କରାଯିବ। ଯେଉଁ ନୂଆ ପ୍ରସ୍ତାବ ଆସିଛି ତାହାକୁ କାର୍ଯ୍ୟକାରୀ କରାଯିବ। ମହାପ୍ରଭୁ ହିଁ ନିଜେ ତାଙ୍କର ରଥଯାତ୍ରା କରିଥାନ୍ତି। ଆମେ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଛୁ, ଆଗାମୀ ରଥଯାତ୍ରା ସବୁ କିଛି ଭଲରେ ଅନୁଷ୍ଠିତ ହେଉ।’

ରଥଯାତ୍ରା ସମୟରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ହେବ। ୨୫ଟି ଟ୍ୟାଙ୍କର ସହ ୧୦୦ଟି ପିଭିସି ଟ୍ୟାଙ୍କର୍ ଯୋଗେ ପାନୀୟ ଜଳ ଯୋଗାଣ ହେବ। ବଡ଼ଦାଣ୍ଡରେ ୧୮୫ଟି ଡ୍ରିଙ୍କ୍ ଫର୍ମ ଟ୍ୟାପ ବ୍ୟବସ୍ଥା ରହିଛି। ୧୯ଟି ଓଭର ହେଡ୍ ଟାଙ୍କିର ପରିଷ୍କାର ଏବଂ ମରାମତି କାର୍ଯ୍ୟ ଜୁନ ଶେଷ ସୁଦ୍ଧା ସମ୍ପନ୍ନ ହେବ। ବଡ଼ଦାଣ୍ଡରେ ଅଗ୍ନି ନିରାପତ୍ତା ପାଇଁ ଆଠଟି ଲୋଡିଂ ପଏଣ୍ଟର ବ୍ୟବସ୍ଥା କରାଯାଇଛି। ପରିବହନ ବିଭାଗ ରଥଯାତ୍ରା ସମୟର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ସହ ହେଲ୍ପ ଡେସ୍କ ରହିବ। ବିଭିନ୍ନ ସ୍ଥାନରେ ୨୩ଟି କ୍ରେନ୍ ରହିବ। ଗତବର୍ଷ ରେଳ ବିଭାଗ ପକ୍ଷରୁ ୩୬୬ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିଥିବା ବେଳେ ଏବର୍ଷ ୪୦୦ ସ୍ୱତନ୍ତ୍ର ଟ୍ରେନ୍ ଚାଲିବା ପାଇଁ ଲକ୍ଷ୍ୟ ରହିଛି। ସ୍ୱତନ୍ତ୍ର କ୍ରାଉଡ୍ ମ୍ୟାନେଜମେଣ୍ଟ ପ୍ଲାନ୍ ସହ ଯାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ୬୦ଟି ସ୍ଥାନରେ ଏଲଇଡି ଡିସପ୍ଲେ ସହ ଟ୍ରେନ୍ ଇଣ୍ଡିକେସନ ବୋର୍ଡ ରହିବ। ଏକ ମାସ ପୂର୍ବରୁ ସିସିଟିଭି କ୍ୟାମେରା ଲାଗି ଡ୍ରାଏ ରନ ହେବ। ରଥଯାତ୍ରା ପାଇଁ ଥ୍ରୀଡି ମ୍ୟାପିଂ ସହ ସ୍ୱତନ୍ତ୍ର ଆପ୍ ବ୍ୟବସ୍ଥା କରାଯାଉଛି। ରଥଯାତ୍ରା ସମୟରେ ଏନଏସଜି କମାଣ୍ଡୋଙ୍କ ସହ ୨୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଫୋନ୍ ମାଧ୍ୟମରେ ମେସେଜ ଦିଆଯାଇ ପୁରୀକୁ ଆସୁଥିବା ଭକ୍ତଙ୍କୁ ପ୍ରତ୍ୟେକ ସୂଚନା ନିୟମିତ ବ୍ୟବଧାନରେ ପ୍ରଦାନ କରାଯିବ।’

ଆଣ୍ଟି ଡ୍ରୋନ୍ ଟିମ୍, ଏନଡିଆରଏଫ, ଓଡ୍ରାଫ ମୁତୟନ ହେବେ। ପ୍ରବଳ ଯାନବାହାନକୁ ଦୃଷ୍ଟିରେ ରଖି ପାର୍କିଂ ସଂଖ୍ୟା ବୃଦ୍ଧି କରାଯିବ। ଅପରାଧୀ ଓ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ସରାଇ ଆପର ସହଯୋଗ ନିଆଯାଇଛି। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ସହ ୨୦୦ରୁ ଅଧିକ ସିସିଟିଭି କ୍ୟାମେରା ଲାଗିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଭକ୍ତଙ୍କୁ ସହାୟତା ପାଇଁ ପୋଲିସ ସହାୟତା କେନ୍ଦ୍ର ରହିବ। ନିୟମିତ ସବୁ ହୋଟେଲ ଗୁଡ଼ିକୁ ଯାଞ୍ଚ କରାଯିବ। ଅମାନିଆ ଅଟୋ ଚାଳକଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଅପରାଧୀଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଥିବା ବେଳେ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ।

କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ସତ୍ୟଜିତ ନାୟକ କହିଛନ୍ତି, ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ଆୟୋଜନ ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨୨୦ ପ୍ଲାଟୁନ୍ ଫୋର୍ସ, ରାପିଡ ଆକ୍ସନ ଫୋର୍ସ ସମେତ ସମସ୍ତ ସୁରକ୍ଷା ୟୁନିଟ ମୁତୟନ ରହିବେ। ୨୦୨୫ ମସିହାରେ ଯେଭଳି ଅଘଟଣ ଘଟି ଭକ୍ତଙ୍କ ମୃତ୍ୟୁ ଘଟିଲା ଏହା ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ଆମେ ବହୁତ୍ ଶୀଘ୍ର ପ୍ରସ୍ତୁତି ଆରମ୍ଭ କରିଦେଇଛୁ। ସବୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକ ତଦାରଖ କରାଯାଇ ସିସିଟିଭି କ୍ୟାମେରା ଲଗାଯିବା କାର୍ଯ୍ୟ ଆରମ୍ଭ ହୋଇଛି। ଲୋକଙ୍କୁ ସୂଚନା ଦେବା ପାଇଁ ପୁରୀ ସହରର ବିଭିନ୍ନ ସ୍ଥାନରେ ଏଲଇଡି ସ୍କ୍ରିନର ବ୍ୟବସ୍ଥା ସହ ମୋବାଇଲରେ ମଧ୍ୟ ମେସେଜ ଯୋଗେ ସୂଚନା ଦିଆଯିବ। ଏହା ଦ୍ୱାରା ପୁରୀକୁ ଆସୁଥିବା ଭକ୍ତମାନେ ସୂଚନା ପାଇବାରେ କିଛି ସମସ୍ୟା ଭୋଗିବେ ନାହିଁ।’

ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ‘ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ଆୟୋଜନ ନେଇ ପ୍ରଥମ ସମନ୍ୱୟ ବୈଠକ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଅଧ୍ୟକ୍ଷତା ପ୍ରଥମ ବୈଠକ ହୋଇଛି। ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ତେବେ ଆଗାମୀ ରଥଯାତ୍ରା କିଭଳି ସୁରୁଖୁରୁରେ ସମାପନ ହେବ, ସେନେଇ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜକୁ ସମର୍ପି ଦେବା। ତାଙ୍କରି ଆଶୀର୍ବାଦରୁ ଆଗାମୀ ରଥଯାତ୍ରା ସୁରୁଖୁରୁରେ ଶେଷ ହେବ ବୋଲି ମୋର ଆଶା ରହିଛି।’ ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକରେ ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ବିଧାୟକ ସୁନୀଲ ମହାନ୍ତି, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ, ଏସ୍‌ପି ପ୍ରତୀକ ସିଂ, ପୁରୀ ମହାନଗର ନିଗମ କମିଶନର, ଦେବୋତ୍ତର କମିଶନର, ଆଇନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ସେବାୟତ, ବୁଦ୍ଧିଜୀବୀ, ସଚେତନ ନାଗରିକଙ୍କ ସହ ସାମ୍ବାଦିକମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ରଥ ନିର୍ମାଣ ପାଇଁ ଚଳିତ ବର୍ଷ ୮୧୮ ଖଣ୍ଡ କାଠର ଆବଶ୍ୟକ ଥିବା ବେଳେ ୭୧୦ ଖଣ୍ଡ କାଠ ପହଞ୍ଚି ସାରିଛି। ଚଳିତ ବର୍ଷ ଢେଙ୍କାନାଳ ହିନ୍ଦୋଳରୁ ଚାରମାଳ ପାଇଁ ଅଧିକ ଏକ ସେଟ୍ ତାଳ ଗଛ କାଠ ଅଣାଯିବ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପୁରୀ ମହାନଗର ନିଗମ ଅଞ୍ଚଳରେ ୫ ଲକ୍ଷ ଟଙ୍କାର ବୀମା କରାଯିବ। ଅସ୍ୱାଭାବିକ ମୃତ୍ୟୁ, ଦୁର୍ଘଟଣା ଜନିତ ମୃତ୍ୟୁ ଏହି ବୀମାରେ ଅନ୍ତର୍ଭୁକ୍ତ ହେବ। ୧୬୦୦ ମିଟର ବିଭିନ୍ନ ରଙ୍ଗର ରଥ କନା ଆସିବ। ରଥ ଦଉଡ଼ି ପାଇଁ ଓଡ଼ିଶା ସମବାୟ କତା ନିଗମ ଚଳିତ ମାସ ଶେଷ ସୁଦ୍ଧା ୨୮ଟି ରଥ ଟଣା ଦଉଡ଼ି ଏବଂ ୬ଟି କଡର୍ନ ଦଉଡ଼ି ପହଞ୍ଚାଇବ। ସେହିପରି ପୁରୀ ମହାନଗର ନିଗମ ପକ୍ଷରୁ ସବୁ ସାହି, ସବୁ ବାଇଲେନରେ ଦୁଇ ଥର ଡ୍ରେନ୍ ସଫା ହେବ। ବଡ଼ଦାଣ୍ଡ ସହ ବିଭିନ୍ନ ସ୍ଥାନରେ ଭକ୍ତଙ୍କ ପାଇଁ ୧୦୦୦ ଓ ପୋଲିସ ପାଇଁ ୬୦୦ ଅସ୍ଥାୟୀ ଶୌଚାଳୟ ମିଶାଇ ମୋଟ ୧୬୦୦ ଅସ୍ଥାୟୀ ଶୌଚାଳୟ ହେବ। ଡ୍ରୋନ୍ ଦ୍ୱାରା ମଶା ତେଲ ପକାଯିବ। ସମସ୍ତ ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପକାଯିବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ସମସ୍ତ ମୁକୁଳା ନଳା ଉପରେ ମେ’ ମାସ ଶେଷ ସୁଦ୍ଧା ସ୍ଲାବ୍ ପକାଯିବ। ତେବେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ବୈଠକରେ ପ୍ରବଳ ହଟ୍ଟଗୋଳ ହୋଇଥିଲା।

ପୁରୀର ତାଳବଣିଆଠାରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ହେବ। ମାଳତୀପାଟପୁର ବସଷ୍ଟାଣ୍ଡରେ ରାଜ୍ୟ ବାହାରୁ ଆସିଥିବା ବସ୍ ରହିବ। ସେଠାରେ ୨୦୦୦ ଲୋକ ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ରାସ୍ତାରେ କୌଣସି ଗାଡ଼ି ଦୁର୍ଘଟଣା ଘଟି ରାସ୍ତା ଜାମ୍ ହେଲେ ରାସ୍ତା ଅବରୋଧ ହଟାଇବା ପାଇଁ ୧୦ଟି କ୍ରେନ୍ ବ୍ୟବସ୍ଥା, ଦ୍ରୁତ ଗାଡ଼ିଚାଳନା ରୋକିବାକୁ ଇଣ୍ଟର ସେପ୍ଟର ବ୍ୟବସ୍ଥା, ପ୍ରତ୍ୟେକ ବସ୍‌ରେ ରେଟ୍ ଚାର୍ଟ ଲଗାଇବା ବ୍ୟବସ୍ଥା ହେବ।

## ଅଙ୍ଗନୱାଡ଼ି କେନ୍ଦ୍ରର ବିକାଶ ପାଇଁ...

ଗୁଣାତ୍ମକ ଭାବେ ସମାପ୍ତ ହୁଏ, ସେଥିପାଇଁ ବିଧାୟକମାନେ ନିଜ ନିଜ ସ୍ତରରେ ତଦାରଖ କରିବା ଆବଶ୍ୟକ। ସୂଚନାଯୋଗ୍ୟଯେ, ଆର୍ଥିକ ବର୍ଷ ୨୦୨୪-୨୫ ଏବଂ ୨୦୨୫-୨୬ ମଧ୍ୟରେ ଅଙ୍ଗନ୍ୱାଡ଼ି କେନ୍ଦ୍ର ଭିତ୍ତିଭୂମି ସୁଦୃଢ଼ୀକରଣ ପଦକ୍ଷେପ ଅଧୀନରେ ସମୁଦାୟ ୩,୨୯୩ଟି ନୂତନ ଅଙ୍ଗନୱାଡ଼ି ଗୃହ ଉଦ୍‌ଘାଟିତ ହୋଇ ହସ୍ତାନ୍ତର ହୋଇଥିବା ବେଳେ ଆଇସିଡିଏସ୍ ଯୋଜନା ଅଧୀନରେ ଓଡ଼ିଶାର ୧୨,୧୪୦ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନୱାଡ଼ିରେ ରୂପାନ୍ତରିତ କରାଯାଇଛି।

## ଭାରତରେ ଏଆଇ ଭିତ୍ତିଭୂମି...

ଏହି ବର୍ଷ ଏପ୍ରିଲ୍ ମାସରେ ଗୁଗୁଲ୍ ବିଶାଖାପଟ୍ଟଣମରେ ନିଜର ୧୫ ଅରବ ଡଲାରର ଏଆଇ ହବ୍‌ର ଶିଳାନ୍ୟାସ କରିଥିଲା।

## ଆଜି ଶପଥ ନେବେ...

ପ୍ରଥମେ କଂଗ୍ରେସ ଟିଭିକେକୁ ସମର୍ଥନ ଜଣାଇଥିଲା। ଯାହା ପରେ ବିଜୟଙ୍କୁ ୧୧୨ ବିଧାୟକଙ୍କ ସମର୍ଥନ ମିଳିଥିଲା। ତଥାପି ବି ବିଜୟ ୧୧୮ ମ୍ୟାଜିକ ନମ୍ବର ଠାରୁ କିଛି ଦୂରରେ ରହିଥିଲେ। ହେଲେ ଶୁକ୍ରବାର ସିପିଆଇ, ସିପିଆଇଏମ, ଭିସିକେ ଟିଭିକେକୁ ସମର୍ଥନ ଦେଇଥିଲେ। ଏହି ତିନି ଦଳରୁ ଦୁଇ-ଦୁଇ ଜଣ ପ୍ରାର୍ଥୀ ଜିତିଛନ୍ତି। ଅର୍ଥାତ ତିନି ଦଳରୁ ୬ ବିଧାୟକ ବିଜୟଙ୍କୁ ସମର୍ଥନ ଦେଇଛନ୍ତି। ଆଉ ଏବେ ଇଣ୍ଡିଆନ ୟୁନିୟନ ମୁସଲିମ ଲିଗ ମଧ୍ୟ ବିଜୟଙ୍କ ଟିଭିକେକୁ ସମର୍ଥନ ଜଣାଇଛି। ଆଇଏୟୁଏଲର ମଧ୍ୟ ଦୁଇ ବିଧାୟକ ଜିତିଛନ୍ତି। ଫଳରେ ବିଜୟ ୧୨୦ ବିଧାୟକଙ୍କ ସମର୍ଥନ ପାଇବାରେ ସଫଳ ହୋଇଛନ୍ତି। ଯାହା ମ୍ୟାଜିକ ନମ୍ବର ୧୧୮ ଠାରୁ ୨ ଅଧିକ। ଏମିତିରେ ବିଜୟ ନିଜେ ଜିତିଥିବା ଦୁଇ ସିଟ୍ ମଧ୍ୟରୁ ଗୋଟିଏ ଛାଡ଼ିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ।

## ଡିଆରଡିଓ ଏବଂ ବାୟୁସେନା ସ୍ୱଦେଶୀ...

ଭୂମି-ଆଧାରିତ ଲକ୍ଷ୍ୟକୁ ନିରପେକ୍ଷ କରିବାରେ ଏକ ଅସ୍ତ୍ରର ଷ୍ଟ୍ରାଇକ୍ କ୍ଷମତା ଏବଂ ସଠିକତାକୁ ବୃଦ୍ଧି କରିବା ପାଇଁ ଏହା ହେଉଛି ପ୍ରଥମ ଗ୍ଲାଇଡ୍ ଅସ୍ତ୍ର ପ୍ରଣାଳୀ। ଯାହା କମ୍ ମୂଲ୍ୟର ଯନ୍ତ୍ର ବ୍ୟବହାର କରେ, ଏହି କିଟ୍ ଅନେକ ଭାରତୀୟ ଶିଳ୍ପ ସହିତ ମିଳିତ ଭାବରେ ବିକଶିତ କରାଯାଇଥିଲା, ଯେଉଁମାନେ ପୂର୍ବରୁ ଉତ୍ପାଦନ ଆରମ୍ଭ କରିସାରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ବାୟୁସେନା ଏବଂ ଅଂଶଗ୍ରହଣକାରୀ ଶିଳ୍ପଗୁଡ଼ିକୁ ସଫଳ ପ୍ରଥମ ଉଡ଼ାଣ ପରୀକ୍ଷଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି, ଏହାକୁ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କହିଛନ୍ତି। ଡିଆରଡିଓର ଅଧ୍ୟକ୍ଷ ଡକ୍ଟର ସମୀର ଭି. କାମତ ମଧ୍ୟ ସଫଳ ଉଡ଼ାଣ ପରୀକ୍ଷଣରେ ସାମିଲ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି।

## ୨୦ ହଜାର ଟଙ୍କା ପାଇଁ...

ଯୋଗ୍ୟ ଯେ, ଗୁରୁବାର ବାଲିଅନ୍ତାରେ ଏକ ଛାତି ଥରା ଦୃଶ୍ୟ ନଜରକୁ ଆସିଥିଲା। ଦିନ ଦ୍ୱିପ୍ରହରରେ ଯୁବକଙ୍କୁ ପିଟିପିଟି ମାରିଦେଇଥିଲେ। ତାହା ପୁଣି ପୁଲିସ ଉପସ୍ଥିତିରେ। ଯାହା ଏବେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ପିଟିପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ଜିପିଆରରେ କାମ କରୁଥିଲେ। ତାଙ୍କ ହାତଗୋଡ଼ ବାନ୍ଧି ମାଡ଼ ମାରିଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଯେଉଁଥିରେ ପୁଲିସ ଘଟଣାସ୍ଥଳରେ ମଧ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସାରା ରାଜ୍ୟରେ ଏବେ ବେଶ୍ ଚର୍ଚ୍ଚା ଲାଗି ରହିଛି। ଶୁକ୍ରବାର ପୁଣି ଏଭଳି ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି।

# ଦେଶ ବିଦେଶର ୧୨ତମ ସ୍ୱନକ୍ଷେତ୍ର ଦିବସ ପାଳିତ

## ତିନୋଟି ସ୍ତମ୍ଭକୁ ଉଜ୍ଜୀବିତ ଓ ସଙ୍ଗଠିତ କରିବାକୁ ହେଲେ ଚତୁର୍ଥ ସ୍ତମ୍ଭର ଆବଶ୍ୟକତା : ସୁରେଶ ପୂଜାରୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନ ଠାରେ ସାପ୍ତାହିକ ଖବର କାଗଜ ଦେଶ ବିଦେଶର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ସ୍ୱନକ୍ଷେତ୍ର ଉତ୍ସବରେ ଉଦଘାଟକ ଭାବରେ ବରିଷ୍ଠ ରାଜନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରଶାନ୍ତ ଜଗଦେବ ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ପାଟ୍ଟଶାଣୀ ଓୟୁଡବ୍ଲୁଯେ ସଭାପତି ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର ସମସ୍ତ ଉପସ୍ଥିତ ରହିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ପ୍ରଥମେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ ସମ୍ବାଦ ସାମ୍ବାଦିକ ଓ ଏହାର କର୍ତ୍ତବ୍ୟ ଏବଂ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ପରବର୍ତ୍ତୀ ମୁଖ୍ୟବକ୍ତା ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ ସାମ୍ବାଦିକତା ହେଉଛି ଏକ ସେବାର ବୃତ୍ତି ଏହା ସମାଜକୁ ପ୍ରକୃଷ୍ଟ ଦିଗ୍‌ଦର୍ଶନ ଦେବା ସହ ବାସ୍ତବରେ ସମାଜର ତଳସ୍ତରର ଲୋକଙ୍କ ସମସ୍ୟାକୁ ସରକାରଙ୍କ ସାମ୍ନାକୁ ଆଣିଥାଏ କିନ୍ତୁ ଏବେ ଖବର ମାଧ୍ୟମରେ ବିଭ୍ରାନ୍ତିକର ଖବର ପରିବେଷଣ ହେଉଛି ଏଥିରୁ ସାମ୍ବାଦିକ ଏବଂ ସମ୍ବାଦପତ୍ର ଦୂରେଇ ରହିବା ଉଚିତ ବୋଲି କହିଥିଲେ। ଉଦ୍‌ଘାଟକ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ କହିଥିଲେ ସମ୍ବାଦପତ୍ର ସାମ୍ବାଦିକ ସମାଜର ହିତସାଧ ଖବର ପରିବେଷଣ ସହିତ ବ୍ୟବସ୍ଥାକୁ ସଠିକ୍ ପ୍ରଶ୍ନ ପଚାରିବା ଉଚିତ ବୋଲି କହିଥିଲେ। ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଖବରକାଗଜ ଓ ସାମ୍ବାଦିକତାକୁ ନେଇ ନିଜର ଅନୁଭୂତି ବଖାଣିଥିଲେ ରାଧାନାଥ ରଥ ଠାରୁ ଆରମ୍ଭ କରି ହରେକୃଷ୍ଣ ମହତାବଙ୍କ ପର୍ଯ୍ୟନ୍ତ ସେ କହିଥିଲେ ଯେ ସେତେବେଳେ ଖବର କାଗଜରେ ସତ୍ୟ ନିରୂପିତ ଖବର ପ୍ରକାଶ ପାଉଥିଲା ଏବଂ ହକରକୁ ଅପେକ୍ଷା କରି ରହୁଥିଲେ ଲୋକମାନେ ଖବର ପଢ଼ିବା ପାଇଁ ବର୍ତ୍ତମାନ ସମୟରେ ଏହାର ପରିବର୍ତ୍ତନ ଘଟିଛି କେଉଁ ସମ୍ପାଦକଙ୍କ ଖବର କାଗଜରେ ସତ୍ୟ ଆଧାରିତ ଖବର ପରିବେଷଣ ହେଉଛି ବୋଲି ପ୍ରଶ୍ନ କରିଥିଲେ। ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଆରମ୍ଭରୁ ସାମ୍ବାଦିକଙ୍କ ସୁରକ୍ଷା ସମ୍ମାନ ପେନସନ ସମ୍ପର୍କରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ତାଙ୍କର ଅଭିଭାଷଣରେ କହିଥିଲେ ଯେ ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ ସେମାନଙ୍କ ସୁରକ୍ଷା ସ୍ୱାସ୍ଥ୍ୟବୀମା ସମ୍ମାନ ଏବଂ ପେନସନ ନିତ୍ୟାନ୍ତ ଆବଶ୍ୟକ ଏହା ମୋର ବିଭାଗ ନହେଲେ ମଧ୍ୟ ମୁଁ ବିଧାୟକ ପ୍ରଶାନ୍ତ ଜଗଦେବ ଉଭୟ ଏ ସଂକ୍ରାନ୍ତରେ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବୁ ଏବଂ ଖୁବ୍ ଶୀଘ୍ର ସାମ୍ବାଦିକ ମାନଙ୍କ ସମସ୍ୟାର ସମାଧାନ ହେବ ବୋଲି ମଞ୍ଚଉପରୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶ୍ରୀମତୀ କଳ୍ପସା, ଅଙ୍କିତାଙ୍କୁ ବିଶିଷ୍ଟ ନାରୀ ଶିଳ୍ପଦ୍ୱିଗ ସମ୍ମାନ, ଜିତେନ୍ଦ୍ର ପାତ୍ରଙ୍କୁ ଯୁବ ଶିଳ୍ପଦ୍ୱିଗ ସଂମାନ, ଶିବନାରାୟଣ ବିଶ୍ୱାଳଙ୍କୁ ବିଶିଷ୍ଟ ସେବା ସମ୍ମାନ, ଜିତେନ୍ଦ୍ର ନାଥ ଦାସଙ୍କୁ ବିଶିଷ୍ଟ ଶିକ୍ଷାବିତ ସମ୍ମାନ ଓ ଶ୍ରୀମତୀ ରାଉତ ସୂର୍ଯ୍ୟକାନ୍ତି ପୁହାଣଙ୍କୁ ବିଶିଷ୍ଟ ନାରୀ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ଶେଷରେ ସାପ୍ତାହିକ ଖବରକାଗଜ ‘ଦେଶ ବିଦେଶ’ର ପ୍ରତିଷ୍ଠାତା କିଶୋର ମଙ୍ଗରାଜ ନିଜର ବକ୍ତବ୍ୟ ମାଧ୍ୟମରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଥମିକ ଶିକ୍ଷକ ମହାସଂଘ ଓଡ଼ିଶା ଷ୍ଟିଅରିଂ କମିଟିର ଗଣଧାରଣା ଜାରି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଶୁକ୍ରବାର ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶାର ଆବାହକ ରାମଲାଲ ପଟେଲଙ୍କ ନେତୃତ୍ୱରେ, ଷ୍ଟିଅରିଂ କମିଟି ସଦସ୍ୟ ମାନଙ୍କ ସହିତ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତାମାନଙ୍କର ଗଣଧାରଣା ସ୍ଥାନୀୟ ଲୋୟର ପିଏମ୍‌ଜି, ଭୁବନେଶ୍ୱର ଠାରେ ଅବ୍ୟାହତ ରହିଛି । ପ୍ରାଥମିକ ଶିକ୍ଷକ ମହାସଂଘର ଦାବୀ ଯେ, ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ମୂଳ ପଦବୀକୁ ଉନ୍ନତ କରି ରାଜ୍ୟ ସରକାରଙ୍କ ୭ମ ବେତନ କମିଶନର ପେ ଲେଭୁଲ-୦୯ ଅନୁସାରେ ପ୍ରବେଶ ସ୍ତର ବେତନ ୩୫.୪୦୦ ପ୍ରଦାନ କରାଯାଉ। ପ୍ରାଥମିକ ଶିକ୍ଷା ବିଭାଗରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥାକୁ ରଦ୍ଦ କରାଯାଇ ୨୦୦୧ ମସିହାରୁ ଏପର୍ଯ୍ୟନ୍ତ ଏସ୍‌ଏସ୍‌ଏସ୍/ଏସ୍‌ଏସ୍/ଜେଟି ଭାବେ କାର୍ଯ୍ୟରତ ସମସ୍ତ ସମୟକୁ ନିୟମିତ ସେବା ଭାବେ ଗଣନା କରି ନ୍ୟାସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯାଉ। ଉକ୍ତ ଦୁଇଟି ଦାବୀ ପୂରଣ ପାଇଁ ସରକାର ଘୋଷଣା କରିବା ପର୍ଯ୍ୟନ୍ତ ଏହି ଗଣଧାରଣା ଅବ୍ୟାହତ ରହିବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

# ଟାରା ଅସ୍ତ୍ର ପ୍ରଣାଳୀର ସଫଳ ପରୀକ୍ଷା ପାଇଁ ଡିଆରଡିଓକୁ ନବୀନଙ୍କ ଅଭିନନ୍ଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶା ଉପକୂଳ ନିକଟରେ ଟ୍ୟାକ୍ଟିକାଲ ଆଡଭାନ୍ସଡ୍ ରେଞ୍ଜ ଅଗମେଣ୍ଟେସନ (ଟାରା) ଅସ୍ତ୍ର ପ୍ରଣାଳୀର ସଫଳ ପ୍ରଥମ ଉଡାଣ ପରୀକ୍ଷା ପାଇଁ ଡିଆରଡିଓକୁ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ ମିଡିଆରେ ଏକ ବାର୍ତ୍ତାରେ ନବୀନ ପଟ୍ଟନାୟକ ଏହି ସଫଳତାକୁ ପ୍ରଶଂସା କରିବା ସହ ପ୍ରକଳ୍ପ ସହ ଜଡିତ ବୈଜ୍ଞାନିକ, ଗବେଷକ ଓ ପ୍ରତିରକ୍ଷା କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଭୁବନେଶ୍ୱର, ୯ ମଇ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# କାନାଡ଼ା ହାଇକମିଶନରଙ୍କ ନାଲ୍କୋ ମୁଖ୍ୟାଳୟ ପରିଦର୍ଶନ



**ଭୁବନେଶ୍ୱର, ୮/୦୫ ନ୍ୟୁଜ ବ୍ୟୁରୋ**

ଭାରତରେ ଅବସ୍ଥାପିତ କାନାଡ଼ାର ହାଇକମିଶନର ମହାମହିମ କ୍ରିଷ୍ଟୋଫର କୁଟରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍କୋ)ର କର୍ପୋରେଟ୍ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ମହାମହିମ ଶ୍ରୀ କୁଟର ନାଲ୍କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ସମେତ ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅନିଲ କୁମାର ସିଂହ ନିର୍ଦ୍ଦେଶକ (ବାଣିଜ୍ୟିକ) ଏବଂ ପ୍ରଣବଜ୍ୟୋତି ନାଥ, ଭା.ପ୍ର.ସେ, ସିଭିଓଙ୍କ ସମେତ କମ୍ପାନୀର ବରିଷ୍ଠ ପରିଚାଳନା ସଦସ୍ୟଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କ୍ରିଟିକାଲ ମିନେରାଲ, ସ୍ଥାୟୀ ସମ୍ବଳ ବିକାଶ ଏବଂ ଭବିଷ୍ୟତର ସମ୍ପ୍ରସାରଣ ଯୋଜନା କ୍ଷେତ୍ରରେ ରଣନୈତିକ ସହଯୋଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଖଣି ଏବଂ ଧାତୁ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ନିମନ୍ତେ ମତ ଉପସ୍ଥାପନ କରିଥିଲେ ଏବଂ କାନାଡା-ଭାରତ ଅର୍ଥନୈତିକ ଏବଂ ଶିଳ୍ପ ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଦୀର୍ଘକାଳୀନ ସମ୍ପର୍କ ପାଇଁ ସମ୍ଭାବ୍ୟ ମାର୍ଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ମହାମହିମ କ୍ରିଷ୍ଟୋଫର କୁଟରଙ୍କ ସହିତ ତାଙ୍କ ଧର୍ମପତ୍ନୀ, କରେନ ଜୋଆନ ବ୍ଲୁମେନ୍ସେନ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିନିଧି ମଣ୍ଡଳର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ କାନାଡା ହାଇକମିଶନ କାର୍ଯ୍ୟାଳୟର ଅର୍ଜୁନ କୁମାର ଦତ୍ତ, ବାଣିଜ୍ୟ କମିଶନର ରୋହିତ ଶୁକ୍ଳା, ରାଜନୈତିକ-ଅର୍ଥନୈତିକ ଏବଂ ଲୋକ ବ୍ୟାପାର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍କୋ) ଦେଶର ଅଧିକ ନିଟ୍ ବୈଦେଶିକ ମୁଦ୍ରା ଅର୍ଜନକାରୀ ଲୋକ ଉଦ୍ୟୋଗ ମଧ୍ୟରୁ ଅନ୍ୟତମ ଏବଂ ଏହା ନିଜର ଗୁଣାତ୍ମକ ଉତ୍ପାଦ ତଥା କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ବିଶ୍ୱ ସ୍ତରରେ ଖ୍ୟାତି ଅର୍ଜନ କରିପାରିଛି । ସୂଚନାଯୋଗ୍ୟ ଯେ, ନାଲ୍କୋ ମଧ୍ୟ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ (କାବିଲ୍)ର ଏକ ପ୍ରମୁଖ ଅଂଶୀଦାର, ଯାହା ହିନ୍ଦୁସ୍ତାନ କପର ଲିମିଟେଡ୍ (ଏଚସିଏଲ୍) ଏବଂ ମିନେରାଲ୍ ଏକ୍ସପ୍ଲୋରେସନ୍ ଆଣ୍ଡ୍ କନସଲଟାନ୍ସି ଲିମିଟେଡ୍ (ଏମ୍ଇସିଏଲ୍)କୁ ନେଇ ଗଠିତ ଏକ ମିଳିତ ଉଦ୍ୟମ। ଏହି କମ୍ପାନୀ ବିଶ୍ୱ ସ୍ତରରେ କ୍ରିଟିକାଲ ମିନେରାଲ ଅନୁସନ୍ଧାନ, ଅଧିଗ୍ରହଣ ଏବଂ ବିକାଶ ଦିଗରେ ନିୟୋଜିତ।




ଭୁବନେଶ୍ୱର : ବିଶ୍ୱ ସେବିକା ଦିବସ ଅବସରରେ ସମ୍ ହସ୍ପିଟାଲ (୨) ପକ୍ଷରୁ ଆୟୋଜିତ ରକ୍ତଦାନ ଉତ୍ସବ ପାଳନ ଉପଲକ୍ଷେ ରକ୍ତଭଣ୍ଡାର ଅଧିକାରୀ ଆସିଷ୍ଟାଣ୍ଟ ପ୍ରଫେସର ଡା. ଅୟନ୍ ବୋଷ୍ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# କିମ୍ସରେ ବାଇଲାଟେରାଲ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ




**ଭୁବନେଶ୍ୱର, ୮।୫ ନ୍ୟୁଜ ବ୍ୟୁରୋ**

କିମ୍ସରେ ଉଭୟ ଆଣ୍ଠୁରେ ଗମ୍ଭୀର ଅଷ୍ଟିଓଆର୍ଥ୍ରାଇଟିସ୍ ରୋଗରେ ପୀଡ଼ିତ ଜଣେ ୬୭ ବର୍ଷୀୟା ମହିଳାଙ୍କଠାରେ ବାଇଲାଟେରାଲ ରୋବୋଟିକ୍ ଆଣ୍ଠୁ ସଫଳ ପ୍ରତିରୋପଣ କରାଯାଇଛି। ଅସ୍ତ୍ରୋପଚାରର ପରଦିନଠାରୁ ରୋଗୀ ଭଲ ଭାବେ ଚାଲିବା ଆରମ୍ଭ କରିଛନ୍ତି। କିମ୍ସର ବିଶିଷ୍ଟ ଅସ୍ଥିଶଲ୍ୟ ସର୍ଜନ ଡା ବସନ୍ତ ବେହେରାଙ୍କ ନେତୃତ୍ୱରେ ଏହି ସଫଳ ଅସ୍ତ୍ରୋପଚାର କରାଯାଇଛି। ପୂର୍ବରୁ ରୋଗୀ ଆଣ୍ଠୁ ପ୍ରତିରୋପଣ ପାଇଁ ବିଭିନ୍ନ ହସ୍ପିଟାଲର ଅନେକ ସର୍ଜନଙ୍କ ସହିତ ପରାମର୍ଶ କରିଥିଲେ ମଧ୍ୟ ଉଭୟ ଆଣ୍ଠୁ ଅସ୍ତ୍ରୋପଚାର ଏକାଠି କରିବା ସମ୍ଭବ ହୋଇପାରି ନଥିଲା। କିମ୍ସରେ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣର ମାତ୍ର ୫ ଦିନରେ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। 'ରୋବୋଟିକ୍ ସହାୟତାରେ ଆଣ୍ଠୁ ପ୍ରତିରୋପଣ ଅତ୍ୟନ୍ତ ଠିକ୍ ଅସ୍ତ୍ରୋପଚାର ଯୋଜନା ଏବଂ ଉତ୍ତମ ରୋଗୀ ସନ୍ତୁଷ୍ଟି ସୁନିଶ୍ଚିତ କରେ। ଏହା ସହ ଏହି ପ୍ରକ୍ରିୟାରେ ଅସ୍ତ୍ରୋପଚାର କଲେ ରୋଗୀ ଶୀଘ୍ର ସୁସ୍ଥ ହେବାରେ ସକ୍ଷମ କରିଥାଏ ବୋଲି ଡା ବେହେରା କହିଛନ୍ତି। କିମ୍ସ ସୁପର ସ୍ପେଶାଲିଟି ହସ୍ପିଟାଲରେ ସ୍ମିଥ୍ ଏବଂ ନେଫିଉଙ୍କ ଦ୍ୱାରା ଉନ୍ନତ ରୋବୋଟିକ୍-ସହାୟତାପ୍ରାପ୍ତ ସଂପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା ସ୍ଥାପନ ଦ୍ୱାରା ଏହି ସଫଳ ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି। ଅତ୍ୟାଧୁନିକ ରୋବୋଟିକ୍ ପ୍ରଯୁକ୍ତି ସଠିକ୍ ହାଡ଼କୁ ଠିକ ଭାବେ ଅସ୍ତ୍ରୋପଚାର କରିବା ସହ ଉପଯୁକ୍ତ ଇମ୍ପ୍ଲାଣ୍ଟ ଲଗାଇବା ଓ ପ୍ରାକୃତିକ ଆଣ୍ଠୁ ଶରୀର ଗଠନର ଉତ୍ତମ ପୁନରୁଦ୍ଧାରକୁ ସକ୍ଷମ କରିଥାଏ। ଅନେକ ରୋବୋଟିକ୍ ସିଷ୍ଟମ୍ ପରି, ସ୍ମିଥ୍ ଏବଂ ନେଫିଉ ପ୍ରଯୁକ୍ତିବିଦ୍ୟା ପାଇଁ ଅସ୍ତ୍ରୋପଚାର ପୂର୍ବରୁ ସିଟି ସ୍କାନ୍ କିମ୍ବା ବ୍ୟାପକ ଅସ୍ତ୍ରୋପଚାର ପୂର୍ବରୁ ଯୋଜନା ଆବଶ୍ୟକ ହୁଏ ନାହିଁ ବୋଲି ଡା. ବେହେରା ପ୍ରକାଶ କରିଛନ୍ତି।

## ଚତୁର୍ଥ ପୂଣ୍ୟତିଥୀ ଅବସରରେ ସ୍ମୃତିସଭା

# ଓଡ଼ିଆ ସ୍ୱାଭିମାନର ରୂପକାର ଥିଲେ ରଜତ କୁମାର କର

**ଭୁବନେଶ୍ୱର, ୮/୫ ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଅନନ୍ୟ ସାରସ୍ୱତ ବିଭୂତି ପଦ୍ମଶ୍ରୀ ଡ଼ ରଜତ କୁମାର କରଙ୍କ ପୂଣ୍ୟତିଥୀ ଅବସରରେ ଭୁବନେଶ୍ୱର ସ୍ଥିତ ଭାରତୀୟ ଚିକିତ୍ସକ ସଂଘ ଭବନର ପ୍ରେକ୍ଷାଳୟରେ ଚତୁର୍ଥ ସ୍ମୃତି ସଭା ଓ ପ୍ରଥମ 'ପଦ୍ମଶ୍ରୀ ଡ଼ ରଜତ କର ସ୍ମାରକୀ ଓଡ଼ିଶା କୁଇଜ୍' ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିଥିମାନେ ଡ଼ କରଙ୍କ ବହୁବିଧ ପ୍ରତିଭାର ଆଲୋଚନା କରି ତାଙ୍କୁ ଓଡ଼ିଆ ସ୍ୱାଭିମାନର ରୂପକାର ଭାବେ ଜାତିର ଚିର ନମସ୍ୟ ବୋଲି କହିଥିଲେ। ମୁଖ୍ୟ ଅତିଥି ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ତଥା ସଂସ୍କୃତି ଗବେଷକ ଡ଼ ସନ୍ତୋଷ କୁମାର ତ୍ରିପାଠୀ ରଥଯାତ୍ରା ସମୟରେ ସ୍ୱର୍ଗତ କରଙ୍କ ସହ ଧାରାବିବରଣୀ ଦେବାର ଅନେକ ଘଟଣାବଳି ଉପରେ ଆଲୋକପାତ କରି କହିଥିଲେ ସେ ଥିଲେ ଚଳନ୍ତି ବାଣୀଭଣ୍ଡାର, ତାଙ୍କର ପ୍ରେରଣାରେ ଅନେକ ଲୋକ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଆକୃଷ୍ଟ ହୋଇଥିଲେ। ବାଣୀବିହାରରେ ପିଲାଙ୍କୁ ଓଡ଼ିଆ ସାହିତ୍ୟର ଶିକ୍ଷା ପ୍ରଦାନ କଲାବେଳେ ତାଙ୍କ ଶ୍ରେଣୀରେ ପିଲାଙ୍କ ଭିଡ଼ ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ପରିଚାୟକ ଥିଲା। ସମ୍ମାନନୀତ ଅତିଥି ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ଡ଼ ସଂଗୀତ ଗୋସାଇଁ ଓଡ଼ିଆ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବାକୁ ଡ଼ କରଙ୍କ ଅନେକ ଚେଷ୍ଟାର ସ୍ମୃତିଚରଣ କରି କହିଥିଲେ, ତାଙ୍କ କଣ୍ଠରେ ମା' ସରସ୍ୱତୀଙ୍କ ବିଶେଷ କୃପା ଥିଲା ବେଳେ ତାଙ୍କ ଲେଖନୀରୁ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ପରମ ସମର୍ପଣ ଭାବର ଜଣାଣ ସବୁ ମର୍ମସ୍ପର୍ଶୀ, ସେ ନିଜେ ମଧ୍ୟ ତାଙ୍କ ସଂଗୀତ ଗାନ ବେଳେ ଅନେକ ଥର ଭାବବିହ୍ୱଳ ହୋଇ ଯାଉଥିଲେ। ମୁଖ୍ୟ ବକ୍ତା ଅନନ୍ତ ଗୋପାଳ ପଣ୍ଡା ପଦ୍ମଶ୍ରୀ କାରଙ୍କୁ ଓଡ଼ିଆ ସ୍ୱାଭିମାନର ରୂପକାର ବୋଲି ଦର୍ଶାଇ କହିଲେ ଯେ ପର୍ଯ୍ୟନ୍ତ ଆକାଶବାଣୀରେ ତାଙ୍କ ନାଟକ ପ୍ରସାରଣ ହେଉଥିବ, ଯେ ପର୍ଯ୍ୟନ୍ତ ଭଞ୍ଜ ଜୟନ୍ତୀ ପାଳନ ହେଉଥିବ, ଯେ ପର୍ଯ୍ୟନ୍ତ ରଥଯାତ୍ରର ସିଧାପ୍ରସାରଣ ଚାଲିଥିବ ସେ ପର୍ଯ୍ୟନ୍ତ ଏ ଜାତି ରଜତ କରଙ୍କ ସ୍ମରଣ କରୁଥିବ। ସଭାପତି ଶ୍ରୀ ପ୍ରହରାଜ ଯୁବ ପିଢ଼ିମାନଙ୍କୁ ରଜତ କରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାହିତ୍ୟ ପ୍ରତି ଅଧିକ ଅଧ୍ୟୟନଶୀଳ ହେବାକୁ ଆହ୍ୱାନ କରିଥିଲେ।



ପୂର୍ବାହ୍ନରେ ପ୍ରଥମ ପଦ୍ମଶ୍ରୀ ରଜତ କର ସ୍ମାରକୀ ଓଡ଼ିଶା କୁଇଜ୍‌ରେ ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି, ରାଜନୀତି ଓ ପର୍ଯ୍ୟଟନ ଆଦି ବିଷୟ ବସ୍ତୁ ଉପରେ ଯୁବ ପିଢ଼ି ଭିତରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ବିଜୟୀ ପ୍ରତିଯୋଗୀଙ୍କୁ ସ୍ମାରକୀ ପୁରସ୍କାର ଦିଆ ଯାଇଥିଲା। କଳ୍ପିତ ମହାନ୍ତି ଏହି କୁଇଜ୍‌ର ଉଦ୍‌ଘୋଷକ ଭାବେ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଅତିଥି ଭାବେ ଶ୍ରୀମାନ ଆହ୍ୱାନ ନାୟକ ଯୁବ ପିଢ଼ିଙ୍କୁ ରଜତ କରଙ୍କ ଭାବରେ ଭାଷିତ ହେବାକୁ ପ୍ରେରଣା ଦେଇଥିଲେ। ପ୍ରାରମ୍ଭରେ ପଣ୍ଡିତ ନଗେନ୍ଦ୍ର ମହାପାତ୍ର ବେଦ ପାଠ କରିଥିବା ବେଳେ, ଡାକ୍ତର ଅଂଶୁମାନ କର ସ୍ୱାଗତ ଭାଷଣ ଦେଇଥିଲେ ଓ ଇଂ ରଞ୍ଜିତ କର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜୀବ କର, ମିହିର ପ୍ରହରାଜ, ନିର୍ଲିପ୍ତ ମହାନ୍ତି, ଦେବସ୍ମିତା ମହାପାତ୍ର, ଅଂଶୁମିତ ମହାପାତ୍ର, ଦଣ୍ଡପାଣି ନାୟକ ଆଦି ସ୍ମୃତି ସଂସଦର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଜଗା ଦର୍ଶନ ସାରି ଫେରିବା ବେଳେ ଦୁର୍ଘଟଣା : ଚାଲିଗଲା ଜଣଙ୍କ ଜୀବନ

**ଭଦ୍ରକ, ୮/୫ ନ୍ୟୁଜ ବ୍ୟୁରୋ**

କେତେ ଖୁସିରେ ଯାଇଥିଲେ ମହାପ୍ରଭୁଙ୍କ ଦର୍ଶନ ପାଇଁ। ଜଗନ୍ନାଥଙ୍କୁ ଦର୍ଶନ କଲେ। ଖୁସିରେ ଘରକୁ ଫେରିଥିଲେ। ହେଲେ ଜାଣିନଥିଲେ ଏ ଖୁସି ରାସ୍ତାରେ ଚାପି ହୋଇ ରହିଯିବ। କହିଲେ ବି ଲୋମ ଟାଙ୍କୁରି ଉଠିବ। ଜଗା ଦର୍ଶନ ସାରି ଫେରିବା ବେଳେ ଦୁର୍ଘଟଣା ଘଟିଛି। ଟ୍ରକ ପଛରୁ ଧକ୍କା ଦେଲା ବୋଲେରୋ। ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି। ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ରାହାଞ୍ଜା ନିକଟରେ ଏହି ଦୁର୍ଘଟଣା ଘଟିଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୮/୦୫/୨୦୨୬
୫,୭୨,୬୮୦/- ଟଙ୍କା
ସୁନା:-୫୧ଗ୍ରାମ୍୦୫୦ ମିଲିଗ୍ରାମ
ରୂପା:-୨୧ଗ୍ରାମ୍୭୦୦ ମିଲିଗ୍ରାମ

# ନବୀନଙ୍କୁ ଭେଟିଲେ କାନାଡା ହାଇକମିଶନର



**ଭୁବନେଶ୍ୱର,୦୮/୦୫ ନ୍ୟୁଜ ବ୍ୟୁରୋ**

କାନାଡାର ହାଇକମିଶନର କ୍ରିଷ୍ଟୋଫର୍ କୁଟର୍ ବିରୋଧୀ ଦଳ ନେତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଶୁକ୍ରବାର ଦିନ ନବୀନ ନିବାସଠାରେ ଶ୍ରୀ କୁଟର୍ ନବୀନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉପରେ ତାଙ୍କ ସହ ଆଲୋଚନା କରିଥିଲେ।

ଏହି ସାକ୍ଷାତକାର ଅବସରରେ ଶ୍ରୀ କୁଟର୍‌ଙ୍କ ସହ କାନାଡାର ଉଚ୍ଚସ୍ତରୀୟ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ଅବହେଳା ମାମଲା

# ତହସିଲଦାରଙ୍କୁ କୋର୍ଟରେ ହାଜର କରାଇବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ

**କଟକ, ୮/୦୫ ନ୍ୟୁଜ ବ୍ୟୁରୋ**

ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ଅବହେଳା ଖୋର୍ଦ୍ଧା ତହସିଲଦାରଙ୍କୁ ମହଙ୍ଗା ପଡ଼ିଛି। ମେ' ୧୪ରେ ତହସିଲଦାରଙ୍କୁ ଆଣି ହାଜର କରାଇବାକୁ ଖୋର୍ଦ୍ଧା ଏସ୍‌ପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରମୋଦ କୁମାର ପଟ୍ଟନାୟକଙ୍କ ପକ୍ଷରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ମାମଲାରେ ମେ' ୭ ସୁଦ୍ଧା କାରଣ ଦର୍ଶାଇ ଜବାବ ଦାଖଲ କରାଯିବ କିମ୍ବା ତହସିଲଦାର ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବେ ବୋଲି ମାର୍ଚ୍ଚ ୧୨ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ସମୟରେ ଅଦାଲତ ଅବମାନନା ମାମଲାରେ ମାର୍ଚ୍ଚ ୧୨ରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ପାଳନ କରାଯାଇ ନଥିବା ସ୍ପଷ୍ଟ ହୋଇଥିଲା। ତହସିଲଦାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଜବାବ ଦାଖଲ କରାଯାଇ ନଥିବା ଜଣା ପଡ଼ିଥିଲା। ଏଭଳି ସ୍ଥିତିରେ ତହସିଲଦାର ବ୍ୟକ୍ତିଗତ ଭାବେ ହାଜର ହେବା କଥା। କିନ୍ତୁ ତହସିଲଦାର ମାମଲାର ଶୁଣାଣି ବେଳେ ହାଜର ହୋଇ ନଥିଲେ। ଏଥି ସହିତ ଆଡଭୋକେଟ ଜେନେରାଲଙ୍କ କାର୍ଯ୍ୟାଳୟରୁ ଯାଉଥିବା ଫୋନ୍ କଲ୍‌ର ମଧ୍ୟ ଖୋର୍ଦ୍ଧା ତହସିଲଦାର କାର୍ଯ୍ୟାଳୟ ପକ୍ଷରୁ କୌଣସି ଉତ୍ତର ଦିଆଯାଉ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା। ଏଭଳି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରି ମେ ୧୪ରେ ତହସିଲଦାରଙ୍କୁ ହଜାର କରାଇବାକୁ ଖୋର୍ଦ୍ଧା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧ରୁ ବିଚାରାଧୀନ ଥିବା ଏକ ରେଭିନ୍ୟୁ ମିସ୍‌କେସର ଆଇନ ଅନୁସାରେ ୬ ମାସ ଭିତରେ ଫଏସଲା କରିବାକୁ ଖୋର୍ଦ୍ଧା ତହସିଲଦାରଙ୍କୁ ହାଇକୋର୍ଟ ୨୦୨୪, ଜାନୁଆରୀ ୩ରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନଥିବା ଅଭିଯୋଗ କରି ୨୦୨୪, ନଭେମ୍ବର ମାସରେ ଉପରୋକ୍ତ ଅଦାଲତ ଅବମାନନା ମାମଲା ତହସିଲଦାରଙ୍କ ବିରୋଧରେ ଦାୟର ହୋଇଥିଲା। ୨୦୨୪ ଡିସେମ୍ବର ୨୦ରେ ହାଇକୋର୍ଟ ମାମଲାର ଶୁଣାଣି କରି ପ୍ରତିପକ୍ଷ ତହସିଲଦାରଙ୍କୁ କାରଣ ଦର୍ଶାଇ ଜବାବ ବା ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ସଂପର୍କିତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭିନ୍ନ ତାରିଖରେ ମାମଲାର ଶୁଣାଣି ହୋଇଥିଲେ ମଧ୍ୟ ତହସିଲଦାରଙ୍କ ପକ୍ଷରୁ କାରଣ ଦର୍ଶାଇ ଜବାବ ଦାଖଲ କରାଯାଇ ନଥିଲା।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# କୋଭିଡ୍ ପରଠୁ ବଢ଼ୁଛନ୍ତି ଦାଦନ : ସ୍ଥିତି ସାଙ୍ଘାତିକ

**ଢେଙ୍କାନାଳ, ୦୮/୦୫ ନ୍ୟୁଜ ବ୍ୟୁରୋ**

ଖଣି, ଶିଳ୍ପ, କୃଷି କ୍ଷେତ୍ରରେ ସମୃଦ୍ଧ ଢେଙ୍କାନାଳ ଜିଲ୍ଲା । ବିଭିନ୍ନ କାମ ପାଇଁ ବାହାର ଜିଲ୍ଲା ତଥା ରାଜ୍ୟରୁ ଶ୍ରମିକ କାମ ପାଇଁ ଆସିଥାନ୍ତି । ମାତ୍ର କିଛି ବର୍ଷ ହେଲା ଢେଙ୍କାନାଳ ଜିଲ୍ଲାରୁ ଅନେକ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । କୋଭିଡ୍ ପରଠାରୁ ଜିଲ୍ଲାରେ ଦାଦନ ଶ୍ରମିକ ସଂଖ୍ୟା ବଢୁଛି । ୨୦୨୨ ମସିହାରେ ୧୦୦ ଜଣ ଦାଦନ ଯାଇଥିବା ବେଳେ ଏହି ସଂଖ୍ୟା ବଢି ୨୦୨୫ ମସିହାରେ ୧୭୦୪ଜଣରେ ପହଞ୍ଚିଛି । ସରକାରୀ ସଂଖ୍ୟା ଏତିକି ଥିବା ବେଳେ ବେସରକାରୀ ଭାବେ ଯଥେଷ୍ଟ ଅଧିକ ସଂଖ୍ୟକ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି । ଜିଲ୍ଲାରେ ନିଯୁକ୍ତି ନମିଳିବା, ଅଧିକ ମଜୁରି ଲୋଭ ଓ ବାହାରେ କାମ କରିବାର ମାନସିକତା ଯୋଗୁଁ ସଂଖ୍ୟା ବଢୁଥିବା କୁହାଯାଉଛି। ଏଦିଗରେ ଶ୍ରମ ବିଭାଗ ହାତ ବାନ୍ଧି ବସିଛି। ସରକାରୀ ତଥ୍ୟ ଅନୁସାରେ କୋଭିଡ୍ ପରଠାରୁ ଢେଙ୍କାନାଳ ଜିଲ୍ଲାରେ ଦାଦନଙ୍କ ସଂଖ୍ୟା ବଢି ଚାଲିଛି। ସରକାରୀ ତଥ୍ୟ ହିସାବରେ ୨୦୨୦ ଓ ୨୦୨୧ ମସିହା ବେଳକୁ କୌଣସି ଦାଦନ ଶ୍ରମିକ ନଥିବା ବେଳେ ୨୦୨୨ ମସିହା ପରଠାରୁ ଦାଦନ ଶ୍ରମିକଙ୍କ ସଂଖ୍ୟା ବଢ଼ିଛି । ନିୟମ ଅନୁସାରେ ଶ୍ରମ ବିଭାଗରୁ ଲାଇସେନ୍ସ ନେଇ ଠିକାଦର ଶ୍ରମିକଙ୍କୁ ବାହାରକୁ ନେବାର ପ୍ରାବଧାନ ରହିଛି। ଏଥିପାଇଁ ବିଭିନ୍ନ ସ୍ୱତନ୍ତ୍ର ନୀତି ନିୟମ ରହିଛି। ଏହି ଲାଇସେନ୍ସ ମାଧ୍ୟମରେ ୨୦୨୨ ମସିହାରେ ଜଣେ ଲାଇସେନ୍ସ ହୋଲ୍‌ଡର ବା ଠିକାଦାରଙ୍କ ଜରିଆରେ ୧୦୦ ଜଣ ଶ୍ରମିକ ଦାଦନ ଯାଇଥିଲେ । ଏହି ସଂଖ୍ୟା ୨୦୨୩ ମସିହାରେ ଆହୁରି ବଢ଼ିଥିଲା । ସେବର୍ଷ ୧୩ ଜଣ ଠିକାଦାରଙ୍କ ଜରିଆରେ ୧୧୩୦ ଜଣ ଦାଦନ ଯାଇଥିଲେ। ୨୦୨୪ ମସିହାରେ ୭ ଜଣ ଠିକାଦାରଙ୍କ ଦ୍ୱାରା ୪୮୦ ଜଣ ଦାଦନ ଯାଇଥିଲେ। ୨୦୨୫ ମସିହାରେ ଏହା ବଢ଼ିଥିଲା। ଏହି ବର୍ଷ ୧୯ ଜଣ ଠିକାଦାକରଙ୍କ ଜରିଆରେ ୧୭୦୪ ଜଣ ଶ୍ରମିକ ଦାଦନ ଯାଇଥିଲେ। ୨୦୨୬ ମସିହାରେ ଏହି ସଂଖ୍ୟା ଅଧିକ ହେବ ବୋଲି ଜଣାଯାଇଛି । ଅନ୍ୟପକ୍ଷରେ ସରକାରୀ ତଥ୍ୟ ଠାରୁ ବାସ୍ତବ ସଂଖ୍ୟା ଢେର ଅଧିକ। ୨୦୨୧ ମସିହା ସୁଦ୍ଧା ଜିଲ୍ଲାରେ କୌଣସି ଦାଦନ ଶ୍ରମିକ ନଥିବା ତଥ୍ୟ କହୁଛି । ମାତ୍ର ୨୦୨୦ ମସିହାରେ କୋଭିଡ୍ ସମୟରେ ଅନେକ ଦାଦନ ଶ୍ରମିକଙ୍କୁ ଫେରାଇ ଆଣାଯାଇଥିଲା । ୨୦୨୧ ମସିହାରେ ୨୪ ଦାଦନ ଶ୍ରମିକ ଏକ ବସ୍‌ରେ ତାମିଲନାଡୁ ଯାଉଥିବା ବେଳେ ଢେଙ୍କାନାଳ କୋରିଆଁ ଛକରେ ପୁଲିସ୍ ଅଟକାଇଥିଲା। ଜଣେ ଦାଦନ ଦଲାଲ ଢେଙ୍କାନାଳ, କଙ୍କଡ଼ାହାଡ଼ ଓ ପଡୋଶୀ କେନ୍ଦୁଝରେ ଜିଲ୍ଲାର ୨୪ ଜଣଙ୍କୁ ନେଇ ଯାଉଥିଲେ। ପୁଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲା । ଜିଲ୍ଲାରେ କାମ ମିଳୁନଥିବା ବେଳେ ଅଧିକ ମଜୁରୀ ପାଇଁ ବାହାରକୁ ଯାଉଥିବା କହିଥିଲେ। ଏହିଭଳି ବିଭିନ୍ନ ସମୟରେ ଶ୍ରମିକ ବାହାରକୁ ଯାଉଛନ୍ତି । ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ସାମ୍ନାକୁ ଆସିଥାଏ । ଢେଙ୍କାନାଳ ଜିଲ୍ଲାରେ ଏବେ ବିଭିନ୍ନ ଶିଳ୍ପ, କାରଖାନା ରହିଥିଲେ ବି ଅଧିକ ବାହାର ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ହୋଇଆସୁଛି । ମାତ୍ର ଶ୍ରମ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହିଁ । ଜିଲ୍ଲାରେ ଦାଦନ ସଂଖ୍ୟା ବଢି ଚାଲିଥିବା ସରକାରୀ ତଥ୍ୟ କହୁଥିବା ବେଳେ ଜିଲ୍ଲା ଶ୍ରମ ବିଭାଗ ଦାଦନ ସମସ୍ୟା ନଥିବା ସଫେଇ ଦେଇଛି । ଅନ୍ୟପକ୍ଷରେ ଢେଙ୍କାନାଳ ଜିଲ୍ଲାରେ ଆହୁରି ଅଧିକ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ବହୁ ରାଷ୍ଟ୍ରୀୟ କମ୍ପାନୀ ପ୍ରତିଷ୍ଠା ହେବା ପରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ମାତ୍ର ସ୍ଥାନୀୟ ଶ୍ରମିକଙ୍କୁ ସେଠାରେ କାମ ମିଳିବ କି ନାହିଁ ତାହା ସମୟ କହିବ।

